

"ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ



### ଅନ୍‌ଲାଇନରେ ମାମଲାର ସ୍ଥିତି ଜଣାପଡ଼ିବ

**ସମ୍ବଲପୁର,୨୫।୬ (ବ୍ୟୁରୋ)-** ସମ୍ବଲପୁର ଜିଲା କୋର୍ଟ ପରିସରରେ କିଓସ୍କ (କେଆଇଓଏସ୍‌କେ) ମେଶିନ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ଜଜ୍ ମଳୟ ରଞ୍ଜନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ସଞ୍ଜୀବ ଆରୋରା, ଡିଏଫ୍‌ଓ ସଞ୍ଜିତ କୁମାର ଯୋଗଦେଇଥିଲେ। ଏହି ମେଶିନ ଦ୍ୱାରା ଜଣେ ବିଚାରାଧୀନ ଅଭିଯୁକ୍ତ, ଓକିଲ ଓ ଜନସାଧାରଣ ନିଜ ମାମଲାର ସ୍ଥିତି ଜାଣିପାରିବେ। ନିଜ କେସ୍ ନମ୍ବର ଦେଇ ତାରିଖ ଦେଲେ ପ୍ରିଣ୍ଟରରୁ ବିବରଣୀ ବାହାରିବ। ମାମଲାର ଶୁଣାଣି ଦିନ ସମୟ ଜଣାପଡ଼ିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

### ହାଇଟେକ୍ ସର୍ଭେର ସମୀକ୍ଷା ବୈଠକ

**ସମ୍ବଲପୁର,୨୫।୬ (ବ୍ୟୁରୋ)-** ସମ୍ବଲପୁର ଜିଲା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାରେ ଚାଲିଥିବା ଜମିର ହାଇଟେକ୍ ସର୍ଭେ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଶୁଭମ ସକସେନା ଏଥିରେ ଅଧକ୍ଷତାରେ କରିଥିଲେ। ରାଜ୍ୟ ଚକବନ୍ଦି ବିଭାଗ ନିର୍ଦ୍ଦେଶକ ଏସ୍. ପରମେଶ୍ୱରମ ଯୋଗଦେଇ ଅଗ୍ରଗତି ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ସମ୍ବଲପୁର ଓ ଦେବଗଡ଼ ଜିଲାର ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ତହସିଲଦାରମାନେ ଯୋଗଦେଇଥିଲେ। ୨୦୧୨ରେ ଜମି ବନ୍ଦୋବସ୍ତ ଆଇନରେ ପରିବର୍ତ୍ତନ ହୋଇଥିଲା। ସାଟେଲାଇଟ ଓ ଜିପିଏସ୍ ମାଧ୍ୟମରେ ଜମିର ସର୍ଭେ କରଯାଉଛି। ଏଥିରେ ସ୍ୱଚ୍ଛ ଓ ସଠିକ୍ ମ୍ୟାପ ରହିବ ବୋଲି କୁହାଯାଇଛି।

### ସାଓଲିନ୍ କୁଙ୍ଫୁ ଉଷୁ ରଜତ ଜୟନ୍ତୀ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୨୫।୬ (ବ୍ୟୁରୋ)-** ସାଓଲିନ୍ କୁଙ୍ଫୁ ଉଷୁ ଆସୋସିଏଶନ୍‌ର ରଜତ ଜୟନ୍ତୀ ଉତ୍ସବ ପାଇଁ ମଙ୍ଗଳବାର ବିନାଖଣ୍ଡୀଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜୁନ ୩୦ରେ ହେବାକୁଥିବା ଉତ୍ସବ ବିଷୟରେ ଆଲୋଚନା ହୋଇଥିଲା। ସମ୍ପାଦକ ସୁବାସ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘର ପୁରାତନ ପ୍ରଶିକ୍ଷାର୍ଥୀ, ଉପଦେଷ୍ଟା, ପ୍ରଶିକ୍ଷକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧.୧ କୁଇଣ୍ଟାଲ ଗଞ୍ଜେଇ ଜବତ

**ଟିପିଲିମା,୨୫।୬ (ଡି.ଏନ୍.ଏ.)**

ସମ୍ବଲପୁର-ବରଗଡ଼ ୫୩ନଂ ଜାତୀୟ ରାଜପଥର ବୈଜାମୁଣ୍ଡା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ ଭ୍ୟାନରୁ ବୁର୍ଲା ପୋଲିସ ୧.୧୦ କ୍ୟୁଣ୍ଟାଲ ଗଞ୍ଜେଇ ଜବତ କରିଛି। ତେବେ ଡ୍ରାଇଭର ସହ ପିକ୍‌ଅପ୍ ଭ୍ୟାନନ୍‌ରେ ଥିବା ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ବରଗଡ଼ ପଟରୁ ସମ୍ବଲପୁର ଆଡ଼କୁ ଓଡି୧୫-ଜି୯୪୫୮ନଂ ଏହି ପିକ୍‌ଅପ ଭ୍ୟାନ୍ ଦ୍ରୁତଗତିରେ ଯାଉଥିବା ବେଳେ ବୈଜାମୁଣ୍ଡା ଛକ ପାଖରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସିଯାଇଥିଲା। ଗାଡ଼ିରେ ୪ ବସ୍ତାରେ କିଛି ସାମଗ୍ରୀ ଥିଲା। ଗଞ୍ଜେଇ ବାସନା ବାହାରୁଥିବା ଖବରପାଇ ବୁର୍ଲା ଥାନା ଏସ୍‌ଆଇ ନାରାୟଣ ସାହୁ ଘଟଣାସ୍ଥଳରେ ପହଞ୍ଚି ପ୍ୟାକେଟଗୁଡ଼ିକ ଖୋଲିଥିଲେ। ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭ୍ୟାନ ସହ ଗଞ୍ଜେଇ ଜବତ କରାଯାଇ ଓଜନ କରାଯାଇଥିଲା। ଗଞ୍ଜେଇ ପରିମାଣ ୧.୧୦ କୁଇଣ୍ଟାଲ ବୋଲି ଓଜନରୁ ଜଣାପଡ଼ିଛି। ଏ ନେଇ ଏକ ମାମଲା (ନଂ. ୧୩୨/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଚିତ୍ତରଞ୍ଜନ ମେହେରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ତେବେ ଗାଡ଼ି ନମ୍ବର ପ୍ଲେଟ୍‌ରେ ଓଡି୧୫-ଜି୯୪୫୮ ଲେଖାଯାଇଥିଲେ ମଧ୍ୟ ଏହା ନକଲି ବୋଲି ପୋଲିସ ସନ୍ଦେହ କରୁଛି।

**■ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ ଯାଞ୍ଚବେଳେ ଧରାପଡ଼ିଲା**



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ପଡ଼ିଆବାହାଲ,୨୫।୬ (ଡି.ଏନ୍.ଏ.)**

ସମ୍ବଲପୁର ବନଖଣ୍ଡ ଧମା ବନାଞ୍ଚଳ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସହଯୋଗଭିତ୍ତିକ ଗ୍ରାମ ଅବଧାରଣା ଓ ଅଣୁଯୋଜନା ପ୍ରସ୍ତୁତ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ୨୦ ବନ ସୁରକ୍ଷା ସମିତି ପାଇଁ ୪ ପର୍ଯ୍ୟାୟରେ ବାଣ୍ଡିଝରଣ, ସୀତଲେନପାଲି, ଲରାସରା ଓ ଅଏଁଳାଝରନ ଗ୍ରାମରେ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବନ ସୁରକ୍ଷା ସମିତି ଅଣୁ ଯୋଜନା ପ୍ରସ୍ତୁତକାରୀ କାର୍ଯ୍ୟକାରୀ ଦଳ ଓ ମହିଳା କାର୍ଯ୍ୟକାରୀ ଦଳର ସଦସ୍ୟା, ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଦିଆଯାଇଥିଲା। ସହକାରୀ ଖଣ୍ଡୀୟ ପରିଚାଳନା ମୁଖ୍ୟ ପଙ୍କଜ କୁମାର ପଣ୍ଡା, ବିଷୟ ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ, କ୍ଷେତ୍ର ସଂଯୋଜକ ରାକେଶ କୁମାର ଷଡ଼ଙ୍ଗୀ, ଆଶୀର୍ବାଦ ପୁରୋହିତ, ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତାପ ପଣ୍ଡା, ବାସୁଦେବ କର୍ଣ୍ଣ, ପଙ୍କଜିନୀ ସାହୁ ପ୍ରଶିକ୍ଷାର୍ଥୀମାନଙ୍କୁ ସହଯୋଗୀ ଗ୍ରାମ ଅବଧାରଣା ଓ ଅଣୁଯୋଜନା ପ୍ରସ୍ତୁତିର ବିଭିନ୍ନ ପ୍ରକ୍ରିୟା ଓ ପଦ୍ଧତି ସମ୍ପର୍କରେ ବୁଝାଇଥିଲେ। ଧମା ବନାଞ୍ଚଳ ଅଧିକାରୀ ବିଦ୍ୟାଧର ସାହୁ, ସହକାରୀ କ୍ଷେତ୍ର ପରିଚାଳନା ମୁଖ୍ୟ ସୁରେନ୍ଦ୍ର ଡନସନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଙ୍ଗଲର ବିକାଶ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ନିମନ୍ତେ ଆଗାମୀ ମାସଠାରୁ ଧମା ବନାଞ୍ଚଳରେ ଥିବା ୨୦ ବନସୁରକ୍ଷା ସମିତି ସ୍ତରରେ ୧୦ ବର୍ଷିଆ ଅଣୁଯୋଜନା ପ୍ରସ୍ତୁତ ହେବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

# ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୨୫।୬ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଗୋଲକୁଣ୍ଡା ଗ୍ରାମରେ ଅନୁଷ୍ଠିତ ହୋଇଛି। ଏମ୍‌ସିଏଲ୍ ମୁଖ୍ୟ ସତର୍କତା ଅଧିକାରୀ ମୁନୱର ଖୁର୍ଶିଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ମିକ ତଥା ବିତ୍ତ ବିଭାଗ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, ସିଏସ୍‌ଆର୍ ମହାପ୍ରବନ୍ଧକ ବି. ସାଇରାମ, ସିଭିଲ ମହାପ୍ରବନ୍ଧକ ଅରୁଣ କୁମାର ଶର୍ମା ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିସହ ଅଞ୍ଚଳ ସଫେଇ କରାଯାଇଥିଲା।



ଏମ୍‌ସିଏଲ୍ ଅଧିକାରୀମାନେ ଚାରାରୋପଣ କରି ଜଳଦାନ କରୁଛନ୍ତି।

## ବ୍ୟାଙ୍କ ଶାଖା ନାହିଁ, ଏକମାତ୍ର ଏଟିଏମ୍ ଭରସା

# ସପ୍ତାହେ ହେଲା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଅଚଳ

**ଟିପିଲିମା,୨୫।୬ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ବସନ୍ତପୁର ଓ କର୍ଡୋଲା ପଞ୍ଚାୟତ ଅନ୍ତର୍ଗତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସଧାରଣଙ୍କୁ ସେବା ଯୋଗାଇଦେବା ପାଇଁ ଏହି ଅଞ୍ଚଳରେ କୌଣସି ଜାତୀୟକରଣ ବ୍ୟାଙ୍କର ଶାଖା ନାହିଁ। ଟିପିଲିମାରେ ରହିଛି ଗୋଟିଏ ଏସ୍‌ବିଆଇ ଏଟିଏମ। ଏହି ଏଟିଏମ୍ ବୁର୍ଲା ଷ୍ଟେଟ ବ୍ୟାଙ୍କ ଅଧୀନରେ ରହିଛି। ହେଲେ ପରିଚାଳନାଗତ ତ୍ରୁଟି ପାଇଁ ଏଟିଏମ୍‌ଟି ବର୍ଷର ଅଧିକାଂଶ ସମୟ ଅଚଳ ରହୁଥିବା ଅଭିଯୋଗ ହୋଇଛି। ଥରେ ଏଟିଏମ୍ ଅଚଳ ହେଲେ ମାସ ମାସ ଧରି ସଜଡ଼ା ଯାଉନାହିଁ। ଏବେ ପୁଣି ସପ୍ତାହରୁ ଉର୍ଦ୍ଧ୍ୱ ସମୟ ହେବ ଏଟିଏମ୍ ଅଚଳ ରହିଛି। ଏବେ ଚାଷୀମାନେ ଧାନ ବିକ୍ରି ଟଙ୍କା ଉଠାଣ ପାଇଁ ଅପେକ୍ଷାରେ ଥିବାବେଳେ ଏଟିଏମ୍ ଅଚଳ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୂରଦୂରାନ୍ତରୁ ଲୋକେ ଟଙ୍କା ଉଠାଣ ପାଇଁ ପ୍ରତ୍ୟହ ଆସି ଫେରିଯାଉଥିବା ଦେଖିବାକୁ ମିଳୁଛି। ଏଟିଏମ୍ ଚ୍ୟାନେଲ ମ୍ୟାନେଜରଙ୍କୁ ଲୋକେ ଅଭିଯୋଗ କରୁଥିଲେ ହେଁ ଏହାକୁ ସ୍ୱାଭାବିକ କରିବା ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଜନସାଧାରଣ ତଥା ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଟିଏମ୍‌କୁ ସଚଳ କରା ନ ଗଲେ ଆଗାମୀ ଦିନରେ ଏହି ଅସନ୍ତୋଷ ଆନ୍ଦୋଳନ ରୂପ ନେବା ଆଶଙ୍କା ରହିଛି। ସୂଚନାଯୋଗ୍ୟ, ଟିପିଲିମାସ୍ଥିତ ପର୍ଯ୍ୟଟନ ପୀଠକୁ ପ୍ରତ୍ୟହ ହଜାର ହଜାର ପର୍ଯ୍ୟଟକ ଆସୁଥିବାବେଳେ ସେମାନେ ଟଙ୍କା ଉଠାଣ କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ମଧ୍ୟ ସମୟ ସମୟରେ ଅଭିଯୋଗ ହେଉଛି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ଦାବି ହେଉଛି।

## ହତ୍ୟା ଧମକ: ୨ ଗିରଫ

**ବାଲିଶଙ୍କରା, ୨୫।୬ (ଡି.ଏନ.ଏ)**

ତଳସରା ଥାନା ତମକୁଡା ଗ୍ରାମର ହେମନ୍ତ ଶଙ୍କରିଆ, ଗଇଲୋ ଗ୍ରାମର ଟେକଚାନ୍ଦ ପଟେଲଙ୍କଠାରୁ ୧୫୦୦ ଟଙ୍କା ଧାର ଖାଇଥିଲେ । ଏହି ଧାର କରଜ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା । ଗତ ୧୬ ତାରିଖ ସନ୍ଧ୍ୟା ୫ଟାରେ ଟେକଚାନ୍ଦ ପଟେଲ ଓ ତାଙ୍କ ଡ୍ରାଇଭର କେତନ ପଟା ସୁନ୍ଦରଗଡରୁ ନିଜ ଗ୍ରାମ ଗଇଲୋ ଆସୁଥିବା ସମୟରେ ସବଡେଗା ପେଟ୍ରୋଲ ପମ୍ପରେ ହେମନ୍ତ ଶଙ୍କରିଆ ସହିତ ଭେଟ ହୋଇଥିଲା । ଏହି ସମୟରେ ହେମନ୍ତ ଶଙ୍କରିଆଙ୍କୁ ମାରପିଟ କରିବା ସହିତ ଗାଳିଗୁଲଜ ସହ ଆଇରନ ରଡରେ ଆକ୍ରମଣ କରିବା ଦ୍ୱାରା ତାଙ୍କ ଡାହାଣ ଆଖିରେ ଆଘାତ ବାଜିଥିଲା। ସେ ନିଜ ଘର ସମସ୍ୟା ଥିବାରୁ ଗତ ୧୯ ତାରିଖ ତଳସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ. ୯୧/୧୯ ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ପୋଲିସ କହିଛି ।





ଲାୟନ୍ସ କ୍ଲବ ସିଲ୍କି ପକ୍ଷରୁ ଜଣେ ବୃଦ୍ଧାଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଉଛି।

# ଆଶାଜ୍ୟୋତି ନିବାସରେ ହୁଇଲ୍ ଚେୟାର ବଣ୍ଟନ

**ସମ୍ବଲପୁର,୨୫।୬ (ବ୍ୟୁରୋ)**

ଲାୟନ୍ସ କ୍ଲବ ସିଲ୍କି ପକ୍ଷରୁ ଚାରଭାଟିସ୍ଥିତ ଆଶାଜ୍ୟୋତି ନିବାସରେ ହୁଇଲ ଚେୟାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଭାନେତ୍ରୀ ବୀଣା ସାରଦାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦିକା ମୀନା ଟିବ୍ରିୱାଲ, ଅଧକ୍ଷା ଚରଞ୍ଜିତ କୌରହୁରା, ଆଞ୍ଚଳିକ ଅଧକ୍ଷା ମନୋରମା ଜଲାନ ଯୋଗଦେଇ ବୃଦ୍ଧାମାନଙ୍କୁ ହୁଇଲ ଚେୟାର ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଏଥିସହ ଲେଡିଲୁଇସ ଗର୍ଲ୍ସ ହାଇସ୍କୁଲର ୧୦ ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା।

# ଝାଡ଼ଖଣ୍ଡର ନାବାଳିକା ଉଦ୍ଧାର, ଚାଇଲ୍ଡ ଲାଇନକୁ ହସ୍ତାନ୍ତର

**ରେଢ଼ାଖୋଲ,୨୫।୬ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଚାରମାଳ ପୋଲିସ ଏହି ଥାନା ଅନ୍ତର୍ଗତ ମୋଚିବାହାଲ ଛକରୁ ଝାଡ଼ଖଣ୍ଡର ଜଣେ ନାବାଳିକାଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛି। ଚାରମାଳ ଚାଇଲ୍ଡ ଲାଇନ କର୍ମକର୍ତ୍ତା ନାବାଳିକାଙ୍କୁ ସମ୍ବଲପୁର ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ଚାଇଁବସା ରେଳଷ୍ଟେସନ ନିକଟରେ ରହୁଥିବା ଏହି ନାବାଳିକାଜଣକ ତାଙ୍କ ବଡ଼ ଭଉଣୀଙ୍କ ସହ ଜମଦା ଗ୍ରାମକୁ ଆସିଥିଲେ। ବଡ଼ ଭଉଣୀ ନାବାଳିକାଙ୍କୁ ସେଠାରେ ଛାଡ଼ିଦେଇ କେଉଁଆଡ଼େ ଚାଲିଯାଇଥିଲେ। ନାବାଳିକା ଏକ ଟ୍ରେନରେ ରାଉରକେଲା ଆସିଥିଲେ। ୭ରୁ ୮ ଦିନ ତଳେ ରାଉରକେଲା ଷ୍ଟେଶନରେ ଚାରମାଳ ଥାନା ଅନ୍ତର୍ଗତ ସତ୍ୟାନନ୍ଦପାଲି ଓରାମପଡ଼ାର ସାନିଆ ସୋରେନଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ନାବାଳିକା ଜଣକ ସାନିଆଙ୍କ ସହ ତାଙ୍କ ଘରକୁ ଆସିଥିଲେ। ହେଲେ କୌଣସି କାରଣରୁ ସୋମବାର ସେ ସତ୍ୟାନନ୍ଦପାଲି ଗ୍ରାମରୁ ଚାଲିଆସି ମୋଚିବାହାଲ ଛକରେ ବୁଲାବୁଲି କରୁଥିବାବେଳେ ଗ୍ରାମବାସୀ ସନ୍ଦେହରେ ପୋଲିସକୁ ଖବର ଦେଇଥିଲେ। ତେବେ କେଉଁ ପରିସ୍ଥିତିରେ କିମ୍ବା କେଉଁ ଉଦ୍ଦେଶ୍ୟରେ ସାନିଆ ନାବାଳିକାଙ୍କୁ ରାଉରକେଲା ରେଳଷ୍ଟେଶନରୁ ଆଣି ନିଜ ଘରେ ରଖିଥିଲେ ଓ ନାବାଳିକା କାହିଁକି ତାଙ୍କୁ ନ ଜଣାଇ ଚାଲି ଆସିଥିଲେ ସେ ସମ୍ପର୍କରେ ପୋଲିସ ତଦନ୍ତ ନ କରି କେବଳ ନାବାଳିକାଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରି ନିଜ ଦାୟିତ୍ୱ ସମ୍ପନ୍ନ କରିଥିବା ଆଲୋଚନା ହେଉଛି।

# ଓଏସ୍‌ଓୟୁରେ ଜାତୀୟ କର୍ମଶାଳା

**ସମ୍ବଲପୁର,୨୫।୬ (ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଓ କାନାଡା କମନ୍‌ୱେଲଥ୍ ଲର୍ନିଂ (କୋଲ୍) ପକ୍ଷରୁ ୩ଦିନିଆ ଜାତୀୟ ତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦକ୍ଷିଣ ଆଫ୍ରିକାର ପ୍ରଶିକ୍ଷକ ଏଣ୍ଡ୍ରିଓ ମୋରେ ବକ୍ତାଭାବେ ଯୋଗଦେଇଥିଲେ। ସେ ମୁକ୍ତ ଶିକ୍ଷା ସମ୍ବଳ ଗୁଣବତ୍ତାର ଆଶ୍ୱାସନା ଶୀର୍ଷକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ମୁକ୍ତ ଶିକ୍ଷାର ଶିକ୍ଷଣ ବ୍ୟବସ୍ଥା ଓ ସଠିକ ପାଠ୍ୟକ୍ରମକୁ ବାଛିବା ପ୍ରଭୃତି ବିଷୟରେ ଆଲୋକପାତ କରିଥିଲେ। କର୍ମଶାଳାରେ ଦେଶର ବିଭିନ୍ନ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଜୟନ୍ତ କରଶର୍ମା ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ।





ସମ୍ବଲପୁରସ୍ଥିତ ଓଏସ୍‌ଓୟୁଠାରେ ଆୟୋଜିତ ଜାତୀୟ କର୍ମଶାଳାରେ ବକ୍ତା ଓ ଆୟୋଜକମାନେ।

## ଫଟୋରେ ଖବର







ସମ୍ବଲପୁର ଗୋବିନ୍ଦତୋଲା ବ୍ରିଜ ଦୀର୍ଘଦିନ ହେବ ନିର୍ମାଣ ହୋଇଥିବା ସତ୍ତ୍ୱେ ବ୍ୟବହାର ଉପଯୋଗୀ ନ ହୋଇ ପଡ଼ିରହିଛି (ବାମ)। ମଙ୍ଗଳବାର ଜିତୁ ସାହା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବଲପୁର ମଣ୍ଡଳ କାରାଗାରରେ ବ୍ୟବହାର ପାଇଁ କୁଲର୍ ପ୍ରଦାନ କରାଯାଇଛି (ମଝି)। ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣରେ ନୂତନ ନିଯୁକ୍ତି ପାଇଥିବା ପାରାଲିଗାଲ ସ୍ୱେଚ୍ଛାସେବୀମାନେ କିଶୋର ନ୍ୟାୟ ବୋର୍ଡରେ ପ୍ରଶିକ୍ଷଣ ନେବାକୁ ଆସିଛନ୍ତି।



ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।

-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଚୋର ଗିରଫ: ଚୋରି ସାମଗ୍ରୀ ଉଦ୍ଧାର

ପଦ୍ମପୁର,୨୫।୬(ଡି.ଏନ.ଏ.)

ଚୋରି ଅଭିଯୋଗରେ ଜଗଦଳପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବମ୍ଧରୀତ ଗ୍ରାମର ଦୁର୍ଯ୍ୟୋଧନ ମହାନନ୍ଦ(୩୦)।

ମିଳିଥିବା ସୂଚନା ମୁତାବକ, ୨୩ ତାରିଖରେ ପଦ୍ମପୁର ଉପଖଣ୍ଡ ଜଗଦଳପୁର ଥାନା ଅଧୀନ ବମ୍ଧରିତୀ ଗ୍ରାମର ବିରଞ୍ଚି ମହାନନ୍ଦଙ୍କ ଘରୁ ଏକ ବାକ୍ସ ଚୋରି ହୋଇଯାଇଥିଲା। ବାକ୍ସରେ ନଗଦ ୩୦ ହଜାର ଟଙ୍କା, ସୁନା ସୁନା ଅଳଙ୍କାର, ଶାଢ଼ି, ଧୋତି, ଜମି ମାଲିକାନାର କାଗଜ ଆଦି ରହିଥିଲା । ଏନେଇ ବିରଞ୍ଚି ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୭୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ବେଳେ ଦୁର୍ଯ୍ୟୋଧନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଥିଲା। ଏନେଇ ପୋଲିସ ଦୁର୍ଯ୍ୟୋଧନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଏଏସ୍ଆଇ କେତନ ଧରୁଆ ପ୍ରକାଶ କରିଛନ୍ତି।

### କାଳିଆ ଯୋଜନା ଟଙ୍କା ପାଇବା ଅନିଶ୍ଚିତତାରେ ଚାଷୀ

ଜାମଟିକ୍ରା,୨୫।୬(ଡି.ଏନ.ଏ.)

ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ବିଭିନ୍ନ ଲୋଭନୀୟ ଯୋଜନା ଘୋଷଣା କରିଥିଲେ। ଏପରି କି ଚାଷୀମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ବିଜେଡି ସରକାର କାଳିଆ ଯୋଜନା ଆରମ୍ଭ କରି କିଛି ଚାଷୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ହେଲେ ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତରେ ଅନେକ ଚାଷୀ କାଳିଆ ଯୋଜନାରେ ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତି ବାବଦରେ ୫ ହଜାର ଟଙ୍କା ପାଇନାହାନ୍ତି । ମୁଖ୍ୟମନ୍ତ୍ରୀ ସମସ୍ତ ଚାଷୀଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବାରମ୍ବାର ଘୋଷଣା କରିଥିଲେ ହେଁ ଚାଷୀ କେବେ ଆର୍ଥିକ ସହାୟତା ପାଇ ପାରିବ ସେ ନେଇ ଅନିଶ୍ଚିତତା ଲାଗିରହିଛି । ନବୀନ ପଟ୍ଟନାୟକ ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ ପରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ କାଳିଆ ଯୋଜନା ହିତାଧିକାରୀଙ୍କ ପାଇଁ ଆର୍ଥିକ ସହାୟତା ମଞ୍ଜୁର କରିଥିଲେ। ଅଦ୍ୟାବଧି ଚାଷୀମାନେ ଆର୍ଥିକ ସହାୟତା ପାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ବୁଗବୁଗା ପଞ୍ଚାୟତ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ) କିଶୋର ଦାସଙ୍କୁ ପଚାରିବାରୁ ସେ କହିଲେ, କାଳିଆ ଯୋଜନାରେ ବାକିଥିବା ଚାଷୀ କେବେ ଟଙ୍କା ପାଇବେ ତାହା ଜଣା ନ ଥିବା କହିଥିଲେ।

## ମଣ୍ଡିରେ ଧାନ ସଂଗ୍ରହକୁ ମନା

# ସିଏସ୍ଓଙ୍କୁ ଫେରାଦ ହେଲେ ଚାଷୀ

ବରଗଡ଼ ଅଫିସ୍,୨୫।୬

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କୁ ସମସ୍ୟା ପିଛା ଛାଡ଼ିବାର ନାଁ ନେଉ ନାହିଁ। ମଣ୍ଡି ଖୋଲିବା ଆରମ୍ଭରୁ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇପାରି ନ ଥିବା ଯୋଗୁ ଧାନ ସଂଗ୍ରହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସେହିପରି କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷାରେ ଚାଷୀଙ୍କ ଅମଳ ଧାନ ଭିଜି କ୍ଷତିଗ୍ରସ୍ତ ହୋଇଥିଲା । ଏବେ ମଣ୍ଡିରେ ଚାଷୀଙ୍କ ଅମଳ ଧାନ ରଖିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ମନା କରୁଥିବା ଅଭିଯୋଗ ହୋଇଛି। ଜିଲାର ଧାନ ସଂଗ୍ରହ ପ୍ରକ୍ରିୟାରେ ବର୍ତ୍ତମାନ ଏହା ଚାଷୀଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇଛି । ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍ଏମ୍ସି) ଅଧୀନ ଅରେଇଗୁଡ଼ି ଧାନକ୍ରୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ନ ପାରି ଚାଷୀମାନେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସ୍ମାରକପତ୍ରରେ ଚାଷୀମାନେ ଉଲ୍ଲେଖ କରିଛନ୍ତି, ଗତ କିଛିଦିନ ତଳେ ଅରେଇଗୁଡ଼ି ଧାନକ୍ରୟ କେନ୍ଦ୍ରରେ ଚାଷୀଙ୍କ ଧାନ ଭରପୂର ରହିଥିଲା । ସେହି ସମୟରେ ଝଡ଼ବର୍ଷା ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ମଣ୍ଡି କର୍ତ୍ତୃପକ୍ଷ ଚାଷୀମାନଙ୍କୁ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀଙ୍କୁ କହିଥିଲେ । ଫଳରେ ଚାଷୀମାନେ ଧାନକୁ ଖଳା, ଘରେ ସୁରକ୍ଷିତ ରଖିଥିଲେ । ବର୍ତ୍ତମାନ ମଣ୍ଡି ଖୋଲିବା ପରେ ଚାଷୀମାନେ ମଣ୍ଡିକୁ ଧାନ ଆଣୁଛନ୍ତି। ହେଲେ ମଣ୍ଡି କର୍ତ୍ତୃପକ୍ଷ ଧାନ ରଖିବା ପାଇଁ ମନା କରି ଦେଉଥିବ ଚାଷୀମାନେ ଅଭିଯୋଗ କରିଛନ୍ତି। ଅମଳ ଧାନ ବିକ୍ରି କରି ପାରି ନ ଥିବା ଯୋଗୁ ସେମାନେ ପରବର୍ତ୍ତୀ ଚାଷକାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇପାରୁ ନ ଥିବା ବେଳେ ଅମଳ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ମଧ୍ୟ ଦେଇ ପାରୁ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଫଳରେ ମଣ୍ଡିରେ ସେମାନଙ୍କ ଧାନକୁ ସଂଗ୍ରହ କରାଯିବା ସହିତ କ୍ରୟ କରିବାର ବ୍ୟବସ୍ଥା ପାଇଁ ଚାଷୀମାନେ ନିବେଦନ କରିଛନ୍ତି । ଭାଜପା ନେତା ଉର୍କୁଲୁ ତାଣ୍ଡିଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସକୁ ଆସି ସିଏସ୍ଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, କେବଳ ଅରେଇଗୁଡ଼ି ନୁହେଁ, ଜିଲାର ଅନେକ ମଣ୍ଡିରେ ସେଭଳି ପରିସ୍ଥିତି ଦେଖାଯାଇଛି । ଏ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୋମବାର ରେଶମ ଅଞ୍ଚଳର ଚାଷୀମାନେ ଜିଲାପାଳ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ସିଏସ୍ଓ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ । ସେହିପରି ଅତାବିରା ବ୍ଲକ ଗୌରଟିକ୍ରା ମାର୍କେଟ ୟାର୍ଡ଼ରେ ଚାଷୀମାନେ ତାଲା ମାରି ସେଠାକାର ୟାର୍ଡ଼ ଇନ୍‌ଚାର୍ଜଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ । ଭଟଲିରେ ମଧ୍ୟ ଧାନ ସଂଗ୍ରହ କରାଯାଉ ନ ଥିବା ଯୋଗୁ ସେଠାରେ ମଧ୍ୟ ଅନୁରୂପ ଅସନ୍ତୋଷ ଦେଖାଯାଇଛି । ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସିଏସ୍ଓଙ୍କ ଦୃଷ୍ଟି ଆକର୍ଷଣ କରିବା ସ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ । ତେବେ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ବର୍ଷାରେ ଚାଷୀଙ୍କ ଧାନ ଭିଜି ନଷ୍ଟ ହେବା ସମ୍ଭାବନା ରହିଛି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅରେଇଗୁଡ଼ି ଅଞ୍ଚଳର ଚାଷୀମାନେ।

## ବ୍ଲକସ୍ତରୀୟ ମିଲେଟ ମିଶନ ଉଦ୍‌ଘାଟିତ

# ୧୦୦ ଚାଷୀ ପାଇଲେ ମାଣ୍ଡିଆ ବିହନ

ବିଜେପୁର,୨୫।୬(ଡି.ଏନ.ଏ.)

ବରଗଡ଼ ଜିଲା ବିଜେପୁର ବ୍ଲକ ଅଇଲପୁରରେ ବ୍ଲକସ୍ତରୀୟ ମିଲେଟ ମିଶନ(ମାଣ୍ଡିଆ ଚାଷ) ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ପଟେଲ ଏହାର ଉଦ୍‌ଘାଟନ କରିଥିଲେ। ଲାଉମୁଣ୍ଡା ସହକାରୀ କୃଷି ଅଧିକାରୀ କଳ୍ପନା ପ୍ରଧାନଙ୍କ ସଂଯୋଜନାରେ ଏକ ସଚେତନତା ସଭା ହୋଇଥିଲା। ଏହି ଅବସରରେ କମ୍ ପାଣି, କମ୍ ଖର୍ଚ୍ଚରେ ମାଣ୍ଡିଆ ଚାଷ କରି ଅଧିକ ଲାଭବାନ ହେବାକୁ ଚାଷୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏକର ପ୍ରତି ୪ କି.ଗ୍ରା ହିସାବରେ ୧୦୦ ଜଣ ଚାଷୀଙ୍କୁ ମାଣ୍ଡିଆ ବିହନ କିଟ ବଣ୍ଟନ କରାଯାଇଥିଲା ସୂଚନାଯୋଗ୍ୟ, ଚଳିତ ଖରିଫ ଫସଲରେ ମିଲେଟ ମିଶନ ଆନୁକୂଲ୍ୟରେ ୨୦୦ ହେକ୍ଟର ଜମିରେ ମକା, ବାଜରା, ମାଣ୍ଡିଆ ଚାଷ କରିବାକୁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଭିଏଡବ୍ଲ୍ୟୁ ସନ୍ୟାସୀ ସେଠ, ନିମାଇଁ ମେହେରଙ୍କ ସହ କୃଷି ବିଭାଗ କର୍ମଚାରୀଙ୍କ ସହ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଯୋଗଦେଇଥିଲେ।



ବ୍ଲକସ୍ତରୀୟ ମିଲେଟ ମିଶନ ଉଦ୍‌ଘାଟନ ସମାରୋହରେ ପୂଜାର୍ଚ୍ଚନା କରାଯାଉଛି।

# ଜିଲାପାଳଙ୍କୁ ଭେଟିଲେ ସାମ୍ବାଦିକ ସଂଘର କର୍ମକର୍ତ୍ତା



ଜିଲାପାଳଙ୍କ ସହ ବୌଦ୍ଧ ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତା।

ବୌଦ୍ଧ,୨୫।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ସାମ୍ବାଦିକ ସଂଘର କର୍ମକର୍ତ୍ତା ମଙ୍ଗଳବାର ବୌଦ୍ଧ ନବନିଯୁକ୍ତ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ସାକ୍ଷାତ କରିଥିଲେ। ପୂର୍ବାହ୍ନରେ ସଂଘର ବରିଷ୍ଠ ସଦସ୍ୟ ତଥା ଉପସଭାପତି ରବୀନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଜିଲାପାଳ ମିଶ୍ରଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ। ଜିଲାର ବିକାଶ ପାଇଁ ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉତ୍ତମ ସମ୍ପର୍କ ରଖି କାର୍ଯ୍ୟ କରିବାକୁ ଜିଲାପାଳ ମିଶ୍ର ସଂଘ କର୍ମକର୍ତ୍ତାଙ୍କୁ କହି ସହଯୋଗ କାମନା କରିଥିଲେ। ସଂଘ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର, କୋଷାଧ୍ୟକ୍ଷ ଅଜିତ କୁମାର ବାରିକ, ଦେବାଶିଷ ପୁରୋହିତ, ପ୍ରଣତୀ ପଣ୍ଡା, ହିମାଂଶୁ ଶେଖର ସାହୁ, ସୀତାକାନ୍ତ ସିଂହ, ଧବଳେଶ୍ୱର ମହାପାତ୍ର, ରବୀନ୍ଦ୍ର କୁମାର ପଟ୍ଟନାୟକ, ସିମୁନ ନାୟକ, ରଞ୍ଜନ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ କଳାକାରଙ୍କୁ ଫେଲୋଶିପ୍ ପ୍ରଦାନ



ପଦ୍ମପୁର,୨୫।୬(ଡି.ଏନ.ଏ.)

ପଦ୍ମପୁର ଅଞ୍ଚଳର ଭେଉଁରିଆ ଗ୍ରାମର ଜଣାଶୁଣା ଯୁବ କଳାକାର ଅଶ୍ୱିନୀ କୁମାର ପଟେଲଙ୍କୁ କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୨୦୧୮-୧୯ ବର୍ଷ ପାଇଁ ଜୁନିୟର ଫେଲୋଶିପ୍ ପ୍ରଦାନ କରାଯାଇଛି । ଯୁବ କଳାକାର ଅଶ୍ୱିନୀ ରାଜ୍ୟ ତଥା ଜାତୀୟସ୍ତରରେ ତବଲା, ଢୋଲ ସହ ମୃଦୁଙ୍ଗ ବାଦ୍ୟ ପରିବେଷଣ କରି ଅଞ୍ଚଳ ପାଇଁ ବହୁବାର ଗୌରବ ଆଣିଛନ୍ତି । ପଶ୍ଚିମ ଓଡ଼ିଶାର ଜନପ୍ରିୟ ସଞ୍ଚାର କଳା ଉପରେ ସେ ୨ବର୍ଷ ଗବେଷଣା କରିବେ । ଉଲ୍ଲେଖଯୋଗ୍ୟ, ଅଶ୍ୱିନୀ ପଶ୍ଚିମ ଓଡ଼ିଶାର ପ୍ରଖ୍ୟାତ ସଞ୍ଚାର ବାହାକ ସ୍ୱର୍ଗତ ପୂର୍ଣ୍ଣାନନ୍ଦ ପଟେଲଙ୍କ ନାତି। ଅଶ୍ୱିନୀଙ୍କ ପିଲାଟି ଦିନରୁ ସଞ୍ଚାର କଳା ପ୍ରତି ଶେଷ ରୁଚି ରହିଛି। ଆକାଶବାଣୀ ସମ୍ବଲପୁରର ସେ ହେଉଛନ୍ତି ଜଣେ ସ୍ୱୀକୃତିପ୍ରାପ୍ତ ବାଦ୍ୟଶିଳ୍ପୀ ।

## ଚୋରି ସୁନା, ରୁପା ଗହଣା ଉଦ୍ଧାର: ୨ଗିରଫ

ବରଗଡ଼ ଅଫିସ୍,୨୫।୬

ବରଗଡ଼ ଟାଉନ ଥାନା ପୋଲିସ ସହରର ତଳିପଡ଼ାରେ ହୋଇଥିବା ଏକ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ସ୍ଥାନୀୟ କୁମ୍ଭାରପଡ଼ାର ସତ୍ୟ କରନ ଏବଂ ହାଟପଦାର ବିଜୟ ପଟେଲ। ପୋଲିସ ତାଙ୍କଠାରୁ ଚୋରି ସୁନା, ରୁପା ଗହଣା ମଧ୍ୟରୁ ୧୨ଭରି ସୁନା ଏବଂ ୨୨୫ଗ୍ରାମ ରୁପା ଅଳଙ୍କାର ଜବତ କରିଛି। ପ୍ରକାଶ ଯେ, ଗତ ୨୦ତାରିଖ ବିଳମ୍ବିତ ରାତିରେ ତଳିପଡ଼ାର ଆଶୁତୋଷ ଦାଶଙ୍କ ଘରୁ ସୁନା, ରୁପା ଅଳଙ୍କାର ଏବଂ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲ। ଏ ନେଇ ଆଶୁତୋଷ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲାକୁ ଭିତ୍ତି ଦଫା ୪୫୭, ୩୮୦ ଆଇପିସିରେ ଏକ ମାମଲା(ନଂ.୨୯୯/୧୯) ରୁଜୁ କରିଥିଲ। ପୋଲିସ ତଦନ୍ତ ପରେ ୨ଜଣଙ୍କୁ ଗିରଫ କରି ଚୋରି ସୁନା, ରୁପା ଗହଣା ଉଦ୍ଧାର କରିବାରେ ସକ୍ଷମ ହୋଇଛି।

# ଉପଜିଲାପାଳଙ୍କୁ ଭେଟିଲେ ପଦ୍ମପୁର ନାଗରିକ କମିଟି କର୍ମକର୍ତ୍ତା

ପଦ୍ମପୁର,୨୫।୬(ଡି.ଏନ.ଏ.)

ପଦ୍ମପୁର ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ଭେଟି ସହରର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। କମିଟିର ସଦସ୍ୟମାନେ ପଦ୍ମପୁର ସହରର ପରିମଳ ବ୍ୟବସ୍ଥା, ପାନୀୟ ଜଳ ସମସ୍ୟା, ପଦ୍ମପୁର ଡାକ୍ତରଖାନାରେ ଖାଲି ପଡିଥିବା ଡାକ୍ତରୀ ପଦବୀ ପୂରଣ କରିବାକୁ ଅନୁରୋଧ କରିଥିଲେ । ଉପଜିଲାପାଳ ଦରୱାନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଦସ୍ୟମାନଙ୍କୁ ଅବଗତ କରିଥିଲେ। ଆଲୋଚନାରେ କମିଟି ଉପସଭାପତି ସାମାଜିକ କର୍ମୀ ନିରୋଜ ଦୋରା, ସମ୍ପାଦକ ଅଜିତ ଶତପଥୀ, ଭକ୍ତପୂରନ ସାହୁ, ମହେନ୍ଦ୍ର ଭୋଇ, ପିତବାସ ସାହା, ଡୋଳାମଣି ମିଶ୍ର, ପୱନ ଅଗ୍ରୱାଲ, ଭୂପତ ଗୋହିଲ, ଉଦୟ ରଞ୍ଜନ ବହିଦାର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



ପଦ୍ମପୁର ନାଗରିକ କମିଟିର ଏକ ପ୍ରତିନିଧି ଦଳ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ସହ ଆଲୋଚନା କରୁଛନ୍ତି।

# ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାଫଳରେ ବିକାଶର କୃତିତ୍ୱ

- ଅଙ୍କିତା ପ୍ରଧାନ ଏବଂ ରିତୁ ପଣ୍ଡା ୟୁନିଭର୍ସିଟି ଟପ୍ପର
- ବିଭିନ୍ନ ବିଭାଗର ୧୬ଜଣ ପ୍ରଥମ ୧୦ତାଲିକାରେ
- ବିଜ୍ଞାନ,ବାଣିଜ୍ୟ ବିଭାଗରେ ପାସ୍ ହାର ୯୪ପ୍ରତିଶତ

ବରଗଡ଼ ଅଫିସ୍,୨୫।୬

ଚଳିତ ବର୍ଷ ଯୁକ୍ତ ୩ ଶେଷ ବର୍ଷ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବିକାଶ ଡିଗ୍ରୀ କଲେଜର ବିଭିନ୍ନ ବିଭାଗର ୧୬ଜଣ ଛାତ୍ରୀଛାତ୍ର ଶ୍ରେଷ୍ଠ ୧୦ ତାଲିକାରେ ରହିଛନ୍ତି । ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପରୀକ୍ଷାଫଳରେ କଲେଜର ଛାତ୍ରୀ ଅଙ୍କିତା ପ୍ରଧାନ ରସାୟନ ବିଜ୍ଞାନ(ସମ୍ମାନ) ଏବଂ ଛାତ୍ରୀ ରିତୁ ପଣ୍ଡା ଉଦ୍ଭିଦ ବିଜ୍ଞାନ(ସମ୍ମାନ)ରେ ଟପ୍ପର ହୋଇଥିବା ଅନୁଷ୍ଠାନର ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି । ବିଜ୍ଞାନ ବିଭାଗର ୯୪ ପ୍ରତିଶତ ପାସ୍ ହାର ରହିଛି । ସେହିପରି ୬୭ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୭ ପ୍ରତିଶତ ଛାତ୍ରୀଛାତ୍ର ଡିଷ୍ଟିଙ୍କସନ ଲାଭ କରିଛନ୍ତି । ବାଣିଜ୍ୟ ବିଭାଗରେ କଲେଜର ପାସ୍ ହାର ୯୪ ପ୍ରତିଶତ ରହିଛି । ୬୦ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୫ ପ୍ରତିଶତ ଛାତ୍ରୀଛାତ୍ର ଡିଷ୍ଟିଙ୍କସନ ଲାଭ କରିଛନ୍ତି । ଛାତ୍ରୀ ଅଙ୍କିତା ପ୍ରଧାନ ରସାୟନ ବିଜ୍ଞାନ(ସମ୍ମାନ)ରେ ୯.୨୧ ସିଜିପିଏ ମାର୍କ ଏବଂ ରିତୁ ପଣ୍ଡା ଉଦ୍ଭିଦ ବିଜ୍ଞାନ ସମ୍ମାନରେ ୮.୬୪ ସିଜିପିଏ ମାର୍କ ରଖି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରସାୟନ ବିଜ୍ଞାନ(ସମ୍ମାନ)ରେ ନିହାରୀକା ଶତପଥୀ ୮.୭୪ ସିଜିପିଏ ସହ ତୃତୀୟ, ଅସ୍ମିତା ମିଶ୍ର ୮.୭୧ ସିଜିପିଏ ସହିତ ଚତୁର୍ଥ, ଖୁସବୁ ଅଗ୍ରୱାଲ ୮.୬୩ ସିଜିପିଏ ସହିତ ପଞ୍ଚମ, ସିଦ୍ଧାନ୍ତ ପ୍ରଧାନ ୮.୫୭ ସିଜିପିଏ ସହିତ ଷଷ୍ଠ, ପ୍ରତିଭାରାଣୀ ସାହୁ ୮.୪୦ ସିଜିପିଏ ସହିତ ଅଷ୍ଟମ ଏବଂ ରୋଜାଲିନ ସାହୁ ୮.୩୮ ସିଜିପିଏ ସହିତ ବିଶ୍ୱବିଦ୍ୟାଳୟରେ ଦଶମ ସ୍ଥାନ ଅଧିକାର କରିଛନ୍ତି । ଉଦ୍ଭିଦ ବିଜ୍ଞାନ(ସମ୍ମାନ)ରେ ସିତୁ ମେହେର ୮.୫୪ ସିଜିପିଏ ସହିତ ଚତୁର୍ଥ, ପ୍ରାଣୀବିଜ୍ଞାନ(ସମ୍ମାନ)ରେ ପାୟଲ ଅଗ୍ରୱାଲ ଓ ରାଶି ଚାୱଲା ୮.୩୪ ସିଜିପିଏ ସହିତ ଚତୁର୍ଥ, ଲିପିକା ସାହୁ ୮.୩୦ ସିଜିପିଏ ସହିତ ପଞ୍ଚମ ଏବଂ ସ୍ନେହା ଜୈନ ୮.୨୪ ସିଜିପିଏ ସହିତ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ଗଣିତ(ସମ୍ମାନରେ ତୃପ୍ତିବାଳା ବେହେରା ୮.୭୭ ସିଜିପିଏ ସହ ପଞ୍ଚମ ଏବଂ ଆଶିଷ କୁମାର ନାଏକ ୮.୭୦ ସିଜିପିଏ ସହିତ ସପ୍ତମ ସ୍ଥାନରେ ରହିଛନ୍ତି । ବାଣିଜ୍ୟ ବିଭାଗରେ ଆକାଉଣ୍ଟାସି(ସମ୍ମାନ)ରେ ଭାଗ୍ୟଶ୍ରୀ ନଥାନୀ ୮.୨୪ ସିଜିପିଏ ସହିତ ଦଶମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ.କ୍ଷୀରୋଦ୍ର ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଅଙ୍କିତା ପ୍ରଧାନ ।



ରିତୁ ପଣ୍ଡା ।

# ଆଟେଣ୍ଡାଣ୍ଟ ଭରସାରେ କୁଦୋପାଲି ଡାକ୍ତରଖାନା

ସୋହେଲା,୨୫।୬ (ଡି.ଏନ୍.ଏ)

ବରଗଡ଼ ଜିଲା ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୧୯୮୯ ସାଲେ କୁଦୋପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଥାପନ ହେଇଥିଲା। ରାଏଜ୍ ସରକାର ଇ ଡାକ୍ତରଖାନାକେ ମାହାଲିଆ ଉଷୋକଷା ସମେତ ଉନିଆ ସାଜୋସାମାନ ଯୁଗେଇ ଦେଇଛନ୍। ହେଲେ ଦୁଖକର କଥା ଇ ଡାକ୍ତରଖାନାରେ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଆର ପାଥୋ ଟେକ୍ନିସିଆନ୍ ନାଁଇଁନ। ଝନେ ଆଟେଣ୍ଡାଣ୍ଟ ଆର ସୁଇପର ଇଠାନେ ରୁଗୀସେବା କରୁଥିବାର ଦେଖିବାକେ ମିଲୁଛେ।

ସୂଚନା ଅନ୍‌ସାରେ ଇ ଡାକ୍ତରଖାନାଟା ସୋହେଲାରୁ ପାଖାପାଖି ୧୬ କି.ମି. ଦୂରେ କନ୍‌କୁଜିଆ ରହିଥିଲାବେଲେ ଅଂଚଲଟା ମାଓବାଦୀ ପରବନ ଆଏ। ଇ ଡାକ୍ତରଖାନା ଉପରେ କୁଦୋପାଲି, କାଶୀପାଲି, ନେଗିମୁଣ୍ଡା, ମାଛିମୁରା, ବ୍ରାହ୍ମଣୀଡ଼ିହି, ପଣ୍ଡିକିପାଲି, ଅର୍ଜୁଣ୍ଡା ଆର ଛତିଶଗଡ଼ ରାଏଜର ସୀମାନାରେ ଥିବାର ଯୁବା, ଝାଏ ଜିରାପାଲି, ବୁନ୍ଦାମାଲ ଆଦି ଗାଁବାସୀ ନିରଭର କରୁଛନ୍। ଇଠାନେ ଦୁଇଝନ୍ ଡାକ୍ତର, ଝନେ ଫାର୍ମାସିଷ୍ଟ, ଝନେ ଏଏନ୍ଏମ୍(ନର୍ସ), ଝନେ ଆଟେଣ୍ଡାଣ୍ଟ ଆର ଝନେ ସୁଇପର ରହିବାର ଲାଗି ସରକାର ବେବସ୍ତା କରିଛନ୍। ହେଲେ ଇଠାନେ ଥିବାର ଅୟୁଷ ଡାକ୍ତରକୁଁ ସୋହେଲା ଡାକ୍ତରଖାନାକେ ଡେପୁଟେସନରେ ନିଆଯାଇଛେ। ସେନ୍‌ତା ଗଲା ୩ ମାସ ତଲେ କାମ୍ କରୁଥିବାର ଡାକ୍ତର ଚିନ୍ମୟ ପଧାନ ଚାକିରୀରୁ ଇସ୍ତଫା ଦେଇଛନ୍। କହେବାକେ ଗଲେ ଏହେଦେ ଇଠାନେ ଡାକ୍ତର ବଲି କେହି ନାଇଁ। ସେନ୍‌ତା ଇଠାନେ କାମ୍ କରୁଥିବାର ଫାର୍ମାସିଷ୍ଟ ସୁଶାନ୍ତ କୁମାର ଭୋଇକୁଁ ୫ ବଛର ହେଲା ପାଣିମୋରା ଡାକ୍ତରଖାନାକେ ଡେପୁଟେସନରେ ପଠାଯାଇଛେ। ତାକର ଜାଗାରେ ପଣ୍ଡକିପାଲିରେ କାମ୍ କରୁଥିବାର ଝନେ ସୁଆସ୍‌ତିଅ କରମୀକୁଁ ଇଠାନେ ଫାର୍ମାସିଷ୍ଟ କାଯ୍ ତୁଲାବାର ଲାଗି ଡେପୁଟେସନରେ ଦିଆଯାଇଛେ। ସେ ବି ଦିନାକେତେ ହେଲା ଦୁରଘଟନାର ଶିକାର ହେଇ କଟକରେ ଚିକିସ୍ତ ହେଉଛନ୍। ଡାକ୍ତରଖାନା ଆରମ୍ ଦିନୁ ଇଠାନେ ନର୍ସ ନାଁଇଁନ। ଆଗ୍‌ରୁ ଡାକ୍ତର ଥିଲାବେଲେ ଚିକିସ୍ା ଲାଗି ରୁଗୀମାନେ ଆସୁଥିଲେ। ଏହେଦେ ଡାକ୍ତର ଅଭାବୁ ରୁଗୀମାନେ ସୋହେଲା, ବରଗଡ଼ ଚିକିସ୍ା ଲାଗି ଯିବାର ସଂଗେ ଅଧିକା ଟଁକା ପଏସା ଖରଚ୍ କରି ହଇରାନ ହରକତ୍ ହେଉଛନ୍। ଗଲା ମାସ ଡାକ୍ତରଖାନାର କୁଠାମାନ ମରାମତି କରବାର ସଂଗେ ବାଡ଼ା ତିଆର ହେଇଛେ। ହେଲେ ଇଠାନେ ପାଏନ୍‌ର ବିଲକୁଲ ବେବସ୍‌ତା ନାଁଇଁନ। ବାଡ଼ା ବାହାରେ ଥିବାର ଗୁଟେ ନଲ୍‌ଚୁଆଁରୁ ପାଏନ୍ ଆନି ଡାକ୍ତରଖାନାର କାମ୍ ଚଲାଯାଉଛେ। ଏନ୍‌ତା କି ଡାକ୍ତରଖାନାରେ ପାଇଖାନାର ବେବସ୍‌ତା ବି ନାଁଇଁନ, ମୁଇଁ କୁଟୁମ ଧରି ଇଠାନେ ରହୁଛେଁ, ରାଏତ୍ ହେଲେ ଭେଲା ଭେଲା ସାଁପ୍ କଁଟିଆ ବାହାରୁଛନ୍ ବଲି ଆଟେଣ୍ଡାଣ୍ଟ ଚିତ୍ରସେନ ଭୋଇ କହିଛନ୍। ଇ ବାବ୍‌ଦେ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିସ୍ା ଅଧିକାରୀ ଡା.ସମୀର କୁମାର ପଣ୍ଡାକୁଁ ପଚରାଲାରୁ ଇ ସବୁ ସତ୍ କଥା, ହେଲେ ସୋହେଲା ଡାକ୍ତରଖାନାରେ ଡାକ୍ତର ଅଭାବ ରହିଛନ୍। ସେଥିଲାଗି ଆମେ କାହାକେ ଡେପୁଟେସନରେ କୁଦୋପାଲି ଡାକ୍ତରଖାନାକେ ପଠେଇ ନାଇଁ ପାରବାର ବଲି ସେ କହିଥିଲେ। ହେଲେ ଇ ଦିଗେ ଜିଲା ପରଶାସନ, ସୁଆସ୍‌ତିଅ ବିଭାଗ ଦୁରୁଷ୍‌ଟି ଦେଇ ଯେତେ ଜଲଦି ହେବା ସମସିଆର ସମାଧାନ କରବାକେ ଅଂଚଲବାସୀ ଦାବି କରିଛନ୍।



କୁଦୋପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ

## ସଂକ୍ଷେପରେ

### ପଲିଥିନ, ପ୍ଲାଷ୍ଟିକ ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି

**ପାଟଣାଗଡ,୨୫।୬ (ଡି.ଏନ.ଏ.):** ପାଟଣାଗଡ ଗଡ ଭିତରସ୍ଥିତ ସଭାଗୃହଠାରେ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ପାଟଣାଗଡ ଏନଏସି ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସଂପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏନଏସି ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ସଭାପତିତ୍ୱ କରିଥିଲେ। ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ଅଧୀନ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶିକା (ଡୁଡା) ଯୁଗଳେଶ୍ୱରୀ ଦାଶ ପାଟଣାଗଡ ସହରକୁ ସ୍ୱଚ୍ଛ, ସୁନ୍ଦର କରି ଗଢିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସାନିଟେସନ ଏକ୍ସପର୍ଟ ସ୍ମିତସ୍ୱିନୀ ସ୍ୱାଇଁ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁର ସଂଗ୍ରହ, ପରିବହନ ଏବଂ ସୁପରିଚାଳନା ଉପରେ ବିଶଦ ଭାବରେ ବୁଝାଇଥିଲେ। ଡୁଡାର ଜ୍ଞାନରଂଜନ ସାହୁ ଜନସାଧାରଣଙ୍କ ସହଯୋଗ ଏବଂ ସହଭାଗିତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପକ ନାୟକ ମଳ ଯୁକ୍ତ ମଇଳା ଓ ପଚା ମଇଳା ପରିଚାଳନା ଉପରେ ବୁଝାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏନଏସିର ସଫେଇ କର୍ମଚାରୀମାନଙ୍କୁ ଗ୍ଲୋଭ୍ସ, ମାସ୍କ ଏବଂ ସଫେଇ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସାମଗ୍ରୀ, ସାର୍ଟିଫିକେଟ ପ୍ରଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ସହ ସଭା ସଂଯୋଜନା କରିଥିଲେ। ଶେଷରେ ସାଗ୍ନିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ପରେ ସମସ୍ତ ଅଧିକାରୀ, ଏନଏସି କର୍ମଚାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ସଦସ୍ୟା, ଆଶା କର୍ମୀ, ସୁପର ଭାଇଜର, ବିଜୁ ଯୁବବାହିନୀର ସଦସ୍ୟ ପ୍ଲାକାର୍ଡ ଧରି ଜୁଲାଇ ୧ ତାରିଖରୁ ପ୍ଲାଷ୍ଟିକ ଏବଂ ପଲିଥିନ ନିଷିଦ୍ଧ କରାଯିବା ଉପରେ ଏକ ସଚେତନା ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଏନଏସି ଇଓ ପରିଚାଳନା କରିଥିଲେ। ଆଗାମୀ ୧ ତାରିଖରୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଯୋଗ ଶିବିର ଉଦ୍ୟାପିତ

**ଟିକ୍ରାପଡା,୨୫।୬(ଡି.ଏନ.ଏ.):** ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧୀନ ଦାବଯୋରୀ ଗ୍ରାମରେ କଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ ଯୋଗ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍ୟାପିତ ହୋଇଯାଇଛି । ନାରାୟଣ ପଣ୍ଡା, ରମାକାନ୍ତ ରାଜପଲିଆ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଚନ୍ଦ୍ରଭାନୁ ପଧାନ ଯୋଗର ମହତ୍ତ୍ୱ ସମ୍ବନ୍ଧରେ କହିଥିଲେ । ନାରାୟଣ ଚାଉଳିଆ, ପପୁନ ବକୁଲ, ପ୍ରକାଶ କଲତା, ଜିତେନ୍ଦ୍ର ଠେଲା, ଜଜ ଜାନି, ବିଘ୍ନରାଜ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ନୂଆପଡା ଅଫିସ,୨୫।୬:** ନୂଆପଡା-ପଟୋରା ରାସ୍ତାର ଚେଚେରୋଭଟା ଗାଁ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ସାମନା ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ ସହ ଏକ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଭାଗୀରଥି ମାଝି ନାମକ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀ ନୱା ବାଇଙ୍କ ଅବସ୍ଥା ଗୁରୁତର ରହିଛି । ଭାଗୀରଥିଙ୍କ ନିଜ ଘର ଛତିଶଗଡର ଗରିଆବନ୍ଧ ଜିଲା ସରେଇପାଲି (ଖଟି) ଗାଁରେ।

ସାନି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲାନି

# ପୁରୁଣା ଚିଠି ଅନୁସାରେ ପୋଖରୀ ପୁନରୁଦ୍ଧାର

**ଲୋଇସିଂହା,୨୫।୬(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ବହିମୁଣ୍ଡା ପରିବର୍ତ୍ତେ ବାଲିବନ୍ଧ ପୋଖରୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପରିବର୍ତ୍ତନ କରି ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବବର୍ତ୍ତୀ ନିର୍ଦ୍ଦେଶ ଅନୁଯାୟୀ କାମ କରାଯାଉଛି । ଏହା ସରକାରୀ ନିର୍ଦ୍ଦେଶର ଅବମାନନା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଉନ୍ନୟନ କାର୍ଯ୍ୟରେ ଜନସାଧାରଣଙ୍କ ଆଶା ଓ ବିଶ୍ୱାସରେ ପ୍ରଶାସନ ଖେଳ ଖେଳୁଥିବା ଅଭିଯୋଗ ହୋଇଛି।

ସୂଚନାମତେ, ପୂର୍ବତନ ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ଲୋଇସିଂହା ଓ ପୁଇଁତଲା ବ୍ଲକର ୧୦ଟି ଗ୍ରାମ ପୋଖରୀର ପୁନରୁଦ୍ଧାର ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ଅନୁରୋଧ କରିଥିଲେ । ଏ ସମସ୍ତ ପ୍ରକଳ୍ପକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନଭେମ୍ବର ୨୦୧୮ରେ ଅନୁମୋଦନ କରି ଚତୁର୍ଥ ଏସ୍ଏଫ୍ସି ପାଣ୍ଠିରୁ ଅନୁଦାନ ଯୋଗାଇଥିଲେ। ଏସବୁ କାମ ମଧ୍ୟରେ ବୁର୍ଡା ଗ୍ରାମର ବହିମୁଣ୍ଡାର



ବହିମୁଣ୍ଡା ପ୍ରକଳ୍ପ ।



ସୂଚନା ଫଳକ ।



ପରିବର୍ତ୍ତିତ ଚିଠି।

ପୁନରୁଦ୍ଧାର କାମ ଅନ୍ତର୍ଭୁକ୍ତ ଥିଲା। ହେଲେ ପରବର୍ତ୍ତୀ ସମୟରେ ବିଧାୟକ ବେହେରା ବୁର୍ଡା ଗ୍ରାମର ବହିମୁଣ୍ଡା ପରିବର୍ତ୍ତେ ବାଲିବନ୍ଧ ପୋଖରୀର ପୁନରୁଦ୍ଧାର ସକାଶେ ପ୍ରଶାସନକୁ ଅନୁରୋଧ କରି ଚିଠି ଲେଖିଥିଲେ । ବିଧାୟକଙ୍କ ଅନୁରୋଧକ୍ରମେ ବିଭାଗୀୟ ଡେପୁଟି ସେକ୍ରେଟାରୀ ଚିଠି ନଂ ୭୨୪୯/ତା ୩୧।୧।୨୦୧୯ରିଖରେ ବଲାଙ୍ଗୀର ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଲୋଇସିଂହା ବିଡିଓଙ୍କୁ ଅବଗତ କରିଥିଲେ । ହେଲେ ଉପରୋକ୍ତ ଚିଠିକୁ ବ୍ଲକ ପ୍ରଶାସନ ଗୁରୁତ୍ୱ ନଦେଇ

- ବିଡିଓଙ୍କ ପାଖକୁ ସାନି ଚିଠି ଆସିଛି
- ପିଇଓ କହିଲେ ନୂଆ ଚିଠି ପାଇନି

ନିର୍ବାଚନ ଆଚରଣବିଧି ହଟିବା ପରେ ପୂର୍ବ ନିର୍ଦ୍ଦେଶ ମୁତାବକ ବହିମୁଣ୍ଡାରେ ଚତୁର୍ଥ ଏସଏଫସିପାଣ୍ଠିରୁ ୧୦ଲକ୍ଷ ବ୍ୟୟ ଅଟକଳରେ ପୁନରୁଦ୍ଧାର କାମ କରୁଛି । ମାଟି କାମ ନିର୍ଦ୍ଧାରିତ ସମୟ ଜୁନ ୧୫ପୂର୍ବରୁ ବନ୍ଦ କରି ଦିଆଯାଇଛି। ଅନୁଦାନ ମୁତାବକ କାମ ମଧ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଉଠିଥିବା ମାଟି ପୋଖରୀର ଉପରମୁଣ୍ଡରେ ପକାଯାଇଛି । ଫଳରେ ଉଦ୍‌ବୃତ୍ତ ପାଣି ଆସିଲେ ପୁଣି ସେହି ମାଟି ଜଳାଶୟରେ ପଶିବା ନେଇ ସ୍ଥାନୀୟ ଲୋକେ ଆଶଙ୍କା କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ କହିଛନ୍ତି ଯେ, ସେହି କାମ ସମ୍ପର୍କରେ ମୁଁ ଅବଗତ ନାହିଁ । ଜିପିଓ କିମ୍ବା ପିଇଓ ଏ ନେଇ ଯାହା କହି ପାରିବେ । ପିଇଓ ଅକ୍ଷୟ ଦଲାଇଙ୍କୁ ଯୋଗାଯୋଗ କରିବାରୁ ମୋ ପାଖରେ ବହିମୁଣ୍ଡାରେ କାମ ସମ୍ପର୍କରେ ସରକାରୀ ଚିଠି ରହିଛି । ଯଦି କାମ ବଦଳ କରାଯାଇଛି, ତେବେ ଜିପିଟି କାହିଁକି କାମ ପାଇଁ ଅନୁମିତ ଦେଲେ ବୋଲି ସେ କହିଛନ୍ତି। ଗ୍ରାମ ପଞ୍ଚାୟତ ଟେକନିକାଲ ଅଫିସର(ଜିପଟି) ଗୋଲଖ ବିହାରୀ ମାରାଣ୍ଡିଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ କାମ ସମ୍ପର୍କରେ ଜାଣି ନାହିଁ। ମୁଁ ଏବେ ଛୁଟିରେ ଅଛି ବୋଲି କହିଥିଲେ। ଏ ନେଇ ବିଡିଓ ରାମଚନ୍ଦ୍ର ଖାର୍ଡିଆଙ୍କୁ ପଚାରିବାରୁ ଫାଇଲ ତନଖି ପରେ ଯାହା କିଛି କହିପାରିବେ ବୋଲି କହିଥିଲେ। ଏ ଦିଗରେ ଜିଲାପାଳ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

### ବନପାଳଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଖପ୍ରାଖୋଲ, ୨୫।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବନବିଭାଗ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବନପାଳଙ୍କ ନୂତନ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଡିଏଫଓ ସମୀର କୁମାର ଶତପଥୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଖପ୍ରାଖୋଲଠାରେ ହରିଶଙ୍କର ରେଞ୍ଜ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଉଥିଲେ ବି ବନପାଳଙ୍କ ପାଇଁ ଅଲଗା କାର୍ଯ୍ୟାଳୟ ନ ଥିଲା । କାମ୍ପା ଯୋଜନାରେ ପ୍ରାୟ ୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଳୟ ତିଆରି ହୋଇଛି । ସେହିପରି ଏହି ଅବସରରେ ଠୁଟିଭଟା ବିଟ୍ ଅନକାମରା ଗାଁରେ ବନରକ୍ଷୀ କାର୍ଯ୍ୟାଳୟ ମଧ୍ୟ ଉଦ୍‌ଘାଟିତ ହୋଇଛି । ଉଦଘାଟନୀ ଉତ୍ସବରେ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ବନପାଳ ପିଙ୍କୁ ଭୁଏ, ବିପିନ ସାହୁ, ରାମଚନ୍ଦ୍ର ନାଏକଙ୍କ ସମେତ ବନ କର୍ମଚାରୀ ଉପସ୍ଥିତ ଥିଲେ ।



ବନପାଳଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

## ମୁଣ୍ଡା ହୋଇଥିବା ସିମେଣ୍ଟ ବ୍ୟବହାର ହେଉଛି

**ଖପ୍ରାଖୋଲ,୨୫।୬(ଡି.ଏନ.ଏ.)**

- ବେନ୍ଦେର ଭାଲୁଟୁଆଁ ରାସ୍ତା
- ପ୍ରତିବାଦ କଲେ ସ୍ଥାନୀୟ ଲୋକେ
- କାମ ବନ୍ଦ କଲେ ନିର୍ବାହୀ ଯନ୍ତ୍ରୀ

ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ସହିତ ଗମନାଗମନର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ଏହି ଯୋଜନାରେ ଅପହଞ୍ଚ ଗାଁକୁ ପକ୍କା ସଡକ ତିଆରି ହେବା ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ହେଲେ ମୁନାଫାଖୋର ଠିକାଦାରଙ୍କ ଯୋଗୁ କାମ ନିମ୍ନମାନର ହେଉଛି। ଏଣୁ ରାସ୍ତାର ସ୍ଥାୟିତ୍ୱ ରହୁନାହିଁ । ଫଳରେ ଅଳ୍ପ ଦିନ ପରେ ରାସ୍ତା ନଷ୍ଟ ହୋଇ ଯାଉଛି। ଏ ନେଇ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି। ଖପ୍ରାଖୋଲ ବ୍ଲକ ବେନ୍ଦେରଠାରୁ ଭାଲୁଟୁଆଁ ଯାଏଁ ପ୍ରାୟ ଅଢେଇ କି.ମି. ରାସ୍ତା ନିର୍ମାଣ କାମରେ ଏହିଭଳି ଦେଖିବାକୁ ମିଳିଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ରାସ୍ତା କାମ ହେଉଛି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୮୧ ଲକ୍ଷ ୨୪ ହଜାର ବ୍ୟୟ ବରାଦ ହୋଇଛି। ୨ ବର୍ଷ ହେଲା ରାସ୍ତା କାମ ଆରମ୍ଭ ହୋଇଛି। ହେଲେ ରାସ୍ତା ନିମ୍ନମାନର ହେଉଥିବା ନେଇ ଲୋକେ ଅଭିଯୋଗ କରୁଛନ୍ତି। ମଙ୍ଗଳବାର ଜମାଟ ବାନ୍ଧିଥିବା ସିମେଣ୍ଟ ବ୍ୟବହାର ହେଉଥିବା ଦେଖି ଲୋକେ ପ୍ରତିବାଦ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ବି ଲୋକେ ଫୋନ ଯୋଗେ ଜଣାଇଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ମନଇଚ୍ଛା କାମ କରୁଥିବା ନେଇ ମଧ୍ୟ ଲୋକେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ଅଭିଯୋଗ ପାଇ ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ତପନ କୁମାର ବେହେରା ପହଞ୍ଚି କାମ ବନ୍ଦ କରିଥିଲେ। ଜମାଟ ବାନ୍ଧିଥିବା ସିମେଣ୍ଟ ଫେରାଇ ନେବାକୁ ଠିକାଦାରଙ୍କୁ କହିଥିଲେ । ଘଟଣା ସ୍ଥଳରେ ଗ୍ରାମବାସୀଙ୍କ ସହିତ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ମଧୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ତେବେ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ କାମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖରାପ କାମ ନେଇ ଠିକାଦାରଙ୍କୁ ନୋଟିସ୍ କରାଯିବ ବୋଲି ସହକାରୀ ଯନ୍ତ୍ରୀ ବେହେରା ସଫେଇ ଦେଇଛନ୍ତି।



ମୁଣ୍ଡା ହୋଇଥିବା ସିମେଣ୍ଟକୁ ଲୋକେ ଦେଖାଉଛନ୍ତି।

୯ମ ଦିନରେ ପହଞ୍ଚିଲା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ

# କୋର୍ଟ, କଚେରି କାର୍ଯ୍ୟ ଠପ୍

**ବଲାଙ୍ଗୀର ଅଫିସ,୨୫।୬**

ବଲାଙ୍ଗୀର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ନବମ ଦିନରେ ପହଞ୍ଚିଛି । ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସିଭିଲ କୋର୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରାର ଅଫିସ ଓ ଉପଜିଲାପାଳଙ୍କ ଅଫିସ ବନ୍ଦ ରହିଛି। ଦୀର୍ଘ ୯ ଦିନ ଧରି ଏହି ସବୁ ଅଫିସ ବନ୍ଦ ରହିବା ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି । ଏହି କାରଣରୁ ଜିଲାର ବିଭିନ୍ନ ଅଞ୍ଚଳର ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି । ମଙ୍ଗଳବାର ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଜିଲାପାଳ ଅଫିସ ଓ ସିଭିଲ କୋର୍ଟ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଥିଲେ। ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଜିଲା ଓକିଲ ସଂଘ ସମେତ ଜିଲାର ଅନ୍ୟ




ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନର ନବମ ଦିନରେ ଓକିଲମାନେ ଧାରଣାରେ ବସିଛନ୍ତି।

**ଜନସାଧାରଣ ହନ୍ତସନ୍ତ**

ବାର ଆସୋସିଏସନ୍ ଗୁଡିକ ଆନ୍ଦୋଳନ ଜାରି ରଖିଥିଲେ ମଧ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ କୌଣସି ବିହିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଓକିଲମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଯଶବନ୍ତ ସିଂ କମିଶନ ସୁପାରିସ ଆଧାରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯିବା ସକାଶେ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାର ଆଉ ଅଧିକ ବିଳମ୍ବ ନ କରି ତୁରନ୍ତ ବଲାଙ୍ଗୀରରେ ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ଉଚିତ୍ ବୋଲି ଦାବି କରିଥିଲେ। ଏହି ଆନ୍ଦୋଳନ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କୁହାଯାଇଛି। ଏହି ଆନ୍ଦୋଳନରେ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘର ସଦସ୍ୟମାନେ ଧାରଣାରେ ବସିଛନ୍ତି । ଓକିଲ ସଂଘର ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ପଣ୍ଡା, ବରିଷ୍ଠ ସଭ୍ୟ ଜଗନ୍ନାଥ ଆଚାର୍ଯ୍ୟ, ବୈଷ୍ଣବ ମିଶ୍ର, ସ୍ୱର୍ଣ୍ଣଭୂଷଣ ସାହୁ, ରତନ ମହାରଣା, ରାଧାକାନ୍ତ ମହାକୁଡ, ଅରବିନ୍ଦାକ୍ଷ ପୂଜାରୀ, ଭବାନୀ ଶଙ୍କର ଶତପଥୀ, ସୁରେଶ ପାଠୀ, ଅସିତ ଷଡଙ୍ଗୀ, ଅନନ୍ତ ଥାନାପତି, ବିଜୟ ମିଶ୍ର, ଅଶୋକ ରାଉତ, ସରୋଜ ଗୁପ୍ତା, ବାସୁଦେବ ରଥ, ସୁରେନ୍ଦ୍ର ମିଶ୍ର, ଜଗଦୀଶ ପ୍ରଧାନ, ସୁବାସ ନନ୍ଦ, ଚିନ୍ମୟ ମିଶ୍ର, ପ୍ରଦୀପ ତ୍ରିପାଠୀ ଓ ଅନ୍ୟମାନେ ଧାରଣାରେ ବସି ସରକାର ବିରୋଧରେ ତୀବ୍ର ସମାଲୋଚନା କରିଥିଲେ ।

### କାର୍ଡ ବଦଳାଇ ୬୦ ହଜାର ଟଙ୍କା ନେଇଗଲେ

**ଦେଓଗାଁ, ୨୧।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିସରରେ ମଙ୍ଗଳବାର ଅପରାହ୍ନରେ ଏଟିଏମ କାର୍ଡ ବଦଳାଇ ବ୍ୟକ୍ତିଙ୍କଠାରୁ ୬୨ ହଜାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଜରାସିଂହାର କିଶୋର କୁମାର ମେହେରଙ୍କ ଅଭିଯୋଗକୁ ଭିତ୍ତି କରି ଦେଓଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଲୋକନାଥ ଭୋଇ କହିଛନ୍ତି । ମଙ୍ଗଳବାର ପୂର୍ବାହ୍ନ ରାହ୍ନ ୧୦ଟାରୁ ୧୧ଟା ମଧ୍ୟରେ ଜରାସିଂହାର କପଡା ବ୍ୟବସାୟୀ କିଶୋର ଦେଓଗାଁ ଷ୍ଟେଟବ୍ୟାଙ୍କକୁ ଟଙ୍କା ଉଠାଣ ପାଇଁ ଆସିଥିଲେ। ସେ କ୍ୟାସ୍ କାଉଣ୍ଟରରେ ଲାଗିଥିବା ଏଟିଏମ କାର୍ଡ ସ୍ୱାଇପ ମେଶିନରେ କାର୍ଡ ସ୍ୱାଇପ୍ କରୁଥିଲେ। ଏହି ସମୟରେ ତାଙ୍କ ପଛପଟେ ଛିଡା ହୋଇଥିବା ଜଣେ ବ୍ୟକ୍ତି ଓଲଟା କାର୍ଡ ସ୍ୱାଇପ ହୋଇଛି କହି କିଶୋରଙ୍କୁ ଅନ୍ୟ ଏକ ଏଟିଏମ କାର୍ଡ ଦେଇ ତାଙ୍କ କାର୍ଡକୁ ବଦଳାଇ ନେବାରେ ସକ୍ଷମ ହୋଇଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତି ବ୍ୟାଙ୍କ ପରିସରରୁ ହିଁ ସ୍ୱାଇପ୍ ମେଶିନ ମାଧମରେ ୩ଟି ଭିନ୍ନ ଭିନ୍ନ ଆକାଉଣ୍ଟକୁ ୨୦ ହଜାର ଟଙ୍କା ଲେଖାଏ ୬୦ ହଜାର ଟଙ୍କା ଟ୍ରାନ୍ସଫର କରି ନେଇ ଛୁ ମାରିଥିଲେ। ଏପଟେ କାର୍ଡ ବଦଳି ଯାଇଥିବା କିଶୋର ଜାଣିବା ବେଳକୁ ସମ୍ପୃକ୍ତ ବ୍ୟକ୍ତି ଆଉ ବ୍ୟାଙ୍କରେ ନ ଥିଲେ। କିଶୋରଙ୍କ ଅଭିଯୋଗ ପରେ ତୁରନ୍ତ ଉକ୍ତ କାର୍ଡକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଲକ୍ କରି ଦେଇଥିଲେ। ତେବେ ବ୍ୟାଙ୍କ ସିସିଟିଭି ଫୁଟେଜରେ ସମ୍ପୃକ୍ତ ବ୍ୟକ୍ତି କଏଦ ହୋଇଛନ୍ତି। ଏହି ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି। ହେଲେ ପୋଲିସ ତାଙ୍କୁ ଧରିପାରିବ କି ନାହିଁ ତାହା ଏବେ ପ୍ରଶ୍ନ ସୃଷ୍ଟି କରିଛି ।

## ବର୍ଜ୍ୟବସ୍ତୁ ପରିଚାଳନା ଶିବିର

**ଟିଟିଲାଗଡ଼, ୨୫।୬ (ଡି.ଏନ.ଏ.)**

ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ପୌର ପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସିଓ ଶୁଭଶ୍ରୀ ବେହେରା, ସାନିଟାରି ଏକ୍ସପର୍ଟ ସ୍ୱରୂପ ପଣ୍ଡା, କଲ୍ୟାଣୀ ସାହୁ, ଜୟନ୍ତୀ ଜାଲ ପ୍ରମୁଖ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ତାଲିମ ପ୍ରଦାନ ସହ ଏସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ରଶ୍ମିତା ପ୍ରଧାନ, ଅନିତା ଚନ୍ଦନ, ବଳଦେବ ଜାଲ, ସୁମିତ୍ରା ସେଠ, ସନ୍ତୋଷିନୀ ସୁନାନୀ, ସୁନୀଲ ସାହୁ, ଜ୍ୟୋତି ବେହେରା, ପୁଷ୍ପ ଜୈନ, ବାପୁନି ପଣ୍ଡା, କାଳିଚରଣ ପନୁଆ, ବିଶ୍ୱନାଥ ସାହୁ, ଯୁଧିଷ୍ଠିର ବେହେରା, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବର୍ଜ୍ୟବସ୍ତୁ ତାଲିମ ଶିବିରରେ ଅତିଥି ଏବଂ ସଫେଇ କର୍ମଚାରୀ।

# ଫସଲ ବୀମାରୁ ବଞ୍ଚିତ ୧୨ପଞ୍ଚାୟତ ଚାଷୀ

**ମୁରିବାହାଲ, ୨୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅଞ୍ଚଳରେ କ୍ରମାଗତ ୩ବର୍ଷ ହେଲା ମରୁଡି ପରିସ୍ଥିତି ଦେଖା ଦେଇଛି। ବ୍ଲକରେ ୨୨ଟି ପଞ୍ଚାୟତ ଥିବା ବେଳେ କେବଳ ୧୦ପଞ୍ଚାୟତର ଚାଷୀଙ୍କୁ ଫସଲ ବୀମା ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ଅବଶିଷ୍ଟ ୧୨ପଞ୍ଚାୟତର ଚାଷୀ ବୀମା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ବି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାର ପ୍ରତିବାଦ କରିଛନ୍ତି ବୀମାରାଶି ପାଇବାରୁ ବାଦ୍ ପଡିଥିବା ମୁରିବାହାଲ, ହଳଦୀ, ଗୁଡିଘାଟ, ଡଙ୍ଗରପଡା, ଗଁରେଇ, ଲେବଡା, ତେନ୍ତୁଲିଖୁଣ୍ଟି, ସିରୋଲ, ବାଙ୍କେଲ, ଇଚ୍ଛାପଡା, ଚଲକି ଓ ମାଲିସିରା ପ୍ରଭୃତି ୧୨ପଞ୍ଚାୟତର ଶତାଧିକ ଚାଷୀ। ବିଜେଡି କୃଷକ ମୋର୍ଚ୍ଚା ଜିଲା ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ସେମାନେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରିଥିଲେ। ସଭାରେ ବକ୍ତବ୍ୟ ରଖି ଚାଷୀମାନେ କହିଥିଲେ ଯେ, କ୍ରମାଗତ ମରୁଡି ଯୋଗୁ ଆର୍ଥିକ ସ୍ଥିତି ଦୁର୍ଗତି ମଧକୁ ଚାଲିଯାଇଛି। ଏହି ପରିସ୍ଥିତିରେ ଫସଲ ବୀମା ରାଶି ଏକମାତ୍ର ଆଶା ହୋଇଥିବା ବେଳେ ଏ ଯାବତ୍ ସେମାନଙ୍କୁ ତାହା ମିଳି ପାରିନାହିଁ। ତେଣୁ ୨୦୧୬-୧୭ ବର୍ଷର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶିରୁ ଏହି ୧୨ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରି ଯଥାଶୀଘ୍ର ସହାୟତା ପ୍ରଦାନ କରିବାକୁ ବିକ୍ଷୋଭ ସମାବେଶରେ ଚାଷୀମାନେ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଅମୃତଲାଲ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ବାଗ, ମୀନକେତନ ପାତ୍ର, ଚତୁର୍ଭୁଜ ମେହେର, ଦିଲୀପ ମହାନନ୍ଦ, ଲକ୍ଷ୍ମୀଧର ନାଏକ, ଅଧିବାସ ମାହାର ପ୍ରମୁଖଙ୍କ ସହ ଶତାଧିକ ଚାଷୀ ସାମିଲ ହୋଇଥିଲେ।



ବୀମାରାଶି ପ୍ରଦାନ ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଚାଷୀ।

**ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୬ ଜୁନ୍, ୨୦୧୯



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### କକାର ଟାଙ୍ଗିଆ ଚୋଟରେ ପୁତୁରା ମୃତ

ଭବାନୀପାଟଣା,୨୫।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ସାପମୁଣ୍ଡି ଗ୍ରାମରେ ସୋମବାର ଜମି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। କକାର ଟାଙ୍ଗିଆ ଚୋଟରେ ପୁତୁରା ସମରୁ ମାଝି (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ ଭାଇ ବାରୁ ମାଝି (୭୦) ଗୁରୁତର ହୋଇଛନ୍ତି। ଏ ନେଇ କର୍ଲାପାଟ ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅଭିଯୁକ୍ତ କକା ଫଗନୁ ମାଝି (୩୫)ଙ୍କୁ ଅଟକ ରଖି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ ସାପମୁଣ୍ଡି ଗ୍ରାମର ସମରୁଙ୍କ ବାପା ବାରୁ ମାଝିଙ୍କ ସହିତ କକା ଫଗନୁଙ୍କ ବାପା ବୁଡ୍ରେନି ମାଝିଙ୍କ ମଧରେ ଜମିବାଡି ଭାଗବଣ୍ଟାକୁ ନେଇ ଶତ୍ରୁତା ରହିଥିଲା। ଗତ ସୋମବାର ଏହି ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଫଗନୁ ଏକ ଟାଙ୍ଗିଆରେ ସମରୁଙ୍କୁ ଆକ୍ରମଣ କରିଥିଲେ। ପୁଅକୁ ରକ୍ଷା କରିବାକୁ ଯାଇ ବାପା ବାରୁ ମଧ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ସମାରୁଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ବାରୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସମରୁଙ୍କ ମା' ତଥା ବାରୁଙ୍କ ସ୍ତ୍ରୀ ଉଜ୍ଜଳ ଦେଈ କର୍ଲାପାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ କାହ୍ନୁଚରଣ ପଣ୍ଡା କହିଛନ୍ତି।

### ଜୁନ ସରିବାକୁ ବସିଲାଣି, ବର୍ଷା ନାହିଁ

# ଆଗେଇପାରୁ ନାହିଁ ଚାଷକାମ

କେସିଙ୍ଗା,୨୫।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଗତ ୬ ବର୍ଷ ହେଲା ଲଗାତର ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାମ ଠିକ ଭାବେ ହୋଇପାରୁନାହିଁ । ଫଳରେ ଧାନ, କପା, ଚିନାବାଦାମ, ମକା ଚାଷ କରିବାରେ ବିଳମ୍ବ ଦେଖାଯାଉଛି। ସ୍ଥାନୀୟ ଲୋକେ ଚାଷ କାମ କରି ପରିବାର ଚଳାଇ ଆସୁଥିବା ବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଭଲ ଭାବେ ଚାଷ ହୋଇପାରୁ ନ ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଫଳରେ ପରିବାର ଚଳାଇବାରେ ଘୋର ସମସ୍ୟା ଦେଖାଯାଉଛି । ଚାଷୀ ବାଧ୍ୟ ହୋଇ ଘରଦ୍ୱାର ଛାଡି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ମୃତ୍ୟୁ ମୁଖରେ ପଡୁଛନ୍ତି । ଚଳିତ ଜୁନ ମାସ ଶେଷ ହେବାକୁ ବସିଲାଣି ଆବଶ୍ୟକ ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ଆଗେଇବାରେ ବିଳମ୍ବ ହେଉଛି । ଗତ ୨୦୧୬ରେ କେସିଙ୍ଗା ବ୍ଲକରେ ୯୫ ମି.ମି., ୨୦୧୭ରେ ୯୫.୪ ମି.ମି. ବର୍ଷା ହୋଇଥିଲା। ସେହିପରି ୨୦୧୮ରେ ୭୧.୮ ମି.ମି. ବର୍ଷା ହୋଇଥିବା ବେଳେ ଚଳିତ ଜୁନ ମାସରେ ୪୯.୫ ମି.ମି. ବର୍ଷା ହୋଇଛି । କମ ପରିମାଣରେ ବର୍ଷା ହୋଇଥିବାରୁ ଚାଷ ହୋଇପାରୁ ନାହିଁ । ସମଗ୍ର କେସିଙ୍ଗା ବ୍ଲକରେ ୨୬ଟି ଗ୍ରାମପଞ୍ଚାୟତରେ ୩୦ ହଜାର ହେକ୍ଟର ଜମି ରହିଛି । ଏଥିମଧ୍ୟରୁ ୯ ହଜାର ହେକ୍ଟରରେ ଜୁନ ମାସ ଶେଷ ସୁଦ୍ଧା ହୋଇଥାଏ । ବର୍ତ୍ତମାନ ସୁଦ୍ଧା ୫୦୦ ହେକ୍ଟର ଜମିରେ ଧାନ ବୁଣା ହୋଇ ସାରିଛି । କେସିଙ୍ଗା ବ୍ଲକର କିକିଆ, କୁଣ୍ଡାବଳି, ଉକ୍ଳେଲା, ଚାଞ୍ଚେର, ଫଟକାମାଲ, ଅଧମୁଣ୍ଡା, ଦେଓଗାଁ ଗ୍ରାମ ପଞ୍ଚାୟତରେ କୃଷ୍ଣକାୟ ମୂର୍ତ୍ତି (କଳାମାଟି) ଅଞ୍ଚଳ ହେତୁ ଜମିକୁ ଚସିଲେ ଗୁଣ୍ଡ ହେଲେ ଧାନ ଚାଷ, ମକା, କପା, କାନ୍ଦୁଲ ଇତ୍ୟାଦି ଚାଷ ହୋଇଥାଏ। କିନ୍ତୁ କେସିଙ୍ଗା ବ୍ଲକର ବାଲସି, କାଣ୍ଡେଲ, ପରଲସିଙ୍ଗା, ସିରୋଳ, ତୁଣ୍ଡଲା, ବେଲଖଣ୍ଡି, ତୁର୍ଲାଖମନ, କଣ୍ଟପଡା, ନୁନମାଠ ଆଦି ଗ୍ରାମପଞ୍ଚାୟତରେ ବାଲିଆ ଦୋରସା ମାଟି ହୋଇଥିବାରୁ ବିନା ବର୍ଷାରେ ଜମିକୁ ହଳ କରିବା ବହୁ କଷ୍ଟ ହୋଇଥାଏ । ସମଗ୍ର କେସିଙ୍ଗା ବ୍ଲକରେ ଗତ ୨୦୧୪ଠାରୁ ଆଜକୁ ୬ବର୍ଷ ହେଲାଣି ସ୍ୱଳ୍ପବୃଷ୍ଟି ପାତ ଯୋଗୁ ମରୁଡି ଦେଖାଯାଉଛି ।

କପା ଚାଷ ୧୦ ହଜାର ହେକ୍ଟର ଜମିରେ ଜୁନ ମାସ ସୁଦ୍ଧା ଶେଷ ହୋଇଥାଏ । କିନ୍ତୁ ବର୍ତ୍ତମାନ ସୁଦ୍ଧା ୩ ହଜାର ହେକ୍ଟରରେ କପା ଚାଷ ହୋଇଛି। ସେହିପରି ମକା ଚାଷ ୯୦ ହେକ୍ଟର, ଚିନାବାଦମ, ଡାଲି ଜାତୀୟ ଚାଷ ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ପ୍ରତ୍ୟେକ ବର୍ଷର ଜୁନ ମାସରେ ୧୫୦ରୁ ୨୦୦ ମି.ମି. ବର୍ଷା ହେଲେ ଭଲ ଚାଷ ହୋଇଥାଏ । ଦୀର୍ଘ ୬ ବର୍ଷ ଧରି କେସିଙ୍ଗା ବ୍ଲକରେ ମରୁଡି ଦେଖାଦେଉଛି । ବର୍ତ୍ତମାନ ଚାଷୀଙ୍କୁ ଠିକ ଭାବେ ପୂଜା, ସ୍ୱର୍ଣ୍ଣା, ଧାନ ବିହନ ମିଳୁନାହିଁ । ଧାନ ବିହନ ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି । ସମଗ୍ର କେସିଙ୍ଗା ବ୍ଲକରେ ଦଲାଲଙ୍କ ଜରିଆରେ ୟୁରିଆ, ଡିଏପି ଭଳି ସାରର ଚଢ଼ାଦରରେ ବିକ୍ରି କରି ଚାଲିଛନ୍ତି। ଗତ ୨୦୧୭-୧୮ ଆର୍ଥିକ ବର୍ଷରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଧାନ ବିହନ ଯୋଗାଉଥିଲା। ଚଳିତବର୍ଷ ଡିଲରମାନଙ୍କ ଦ୍ୱାରା ଧାନ ବିହନ ଯୋଗାଉଥିବାରୁ ଚାଷୀମାନେ ଠିକ ଭାବେ ବିହନ ପାଇପାରୁନାହାନ୍ତି। ଏ ସଂକ୍ରାନ୍ତରେ କୃଷି ବିଭାଗର ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ରଙ୍କୁ ପଚାରିବାରୁ ନୂଆ ଧାନ ଆସିଛୁ । ଚାଷୀ ନ ବୁଝି ସ୍ୱର୍ଣ୍ଣା, ପୂଜା ହେଉଛନ୍ତି ବୋଲି ପ୍ରକାଶ କରିଥିଲେ ।



ଚାଷ ନ ହୋଇ ଜମି ସୁଖିଲା ପଡ଼ିଛି।

**କେସିଙ୍ଗା ବ୍ଲକ**
- ସ୍ୱଳ୍ପ ବୃଷ୍ଟିପାତ, ଚିନ୍ତାରେ ଚାଷୀ

# ମାଟିର ଆର୍ଦ୍ରତା, ଜଳଧାରଣ କ୍ଷମତା ବୃଦ୍ଧି ସମ୍ପର୍କିତ ତାଲିମ

କର୍ଲାମୁଣ୍ଡା,୨୫।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟି ଠାରେ (ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି) ଆଇଜିଏସଏସଏସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଗାଁର ଚାଷୀମାନଙ୍କୁ ନେଇ ମାଟିର ଆର୍ଦ୍ରତା ଓ ଜଳ ଧାରଣା କ୍ଷମତା ବୃଦ୍ଧି ଏବଂ ସଂରକ୍ଷଣର କୌଶଳ ସମ୍ପର୍କରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ସଂସ୍ଥାର କର୍ମୀ ପ୍ରଦୀପ କୁମାର ସାହୁ ଆଇଜିଏସଏସଏସ ସଂସ୍ଥା ପକ୍ଷରୁ ବ୍ଲକର ୨୦ ଖଣ୍ଡ ଗାଁରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । କର୍ଲାମୁଣ୍ଡା କୃଷି ବିଭାଗ ଗ୍ରାମ୍ୟ କୃଷି କର୍ମୀ ଘନଶ୍ୟାମ ଜାନୀ ତାଲିମ ଦାତା ଭାବେ ଯୋଗଦେଇ ଜଳ ବିଭାଜୀକା, ସମପତନ ପିଟ, ତିଲା ପଥର ଆଡି, ଜମିରେ ହିଡ, ନାଳ ଅବରୋଧ ହିଡ, ଚେକ ଡ୍ୟାମ୍, ବୃକ୍ଷ ରୋପଣ, ମିଶ୍ରିତ ବୃକ୍ଷ ରୋପଣ, ପଥର ବନ୍ଧେଇ ଆଡି, ବର୍ଷାଜଳକୁ ଅମଳ ପ୍ରକ୍ରିୟା, ମୁଡା ତିଆରି ଉପରେ ବିଭିନ୍ନ କୌଶଳ ତଥା ଉପାଦୟତା ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରେଗଡା ନାଏବ ସରପଞ୍ଚ ଗୌରୀ ଦୀପ, ୱାର୍ଡମେମ୍ବର ମମତା ଭୋଇ, ସ୍ୱେଚ୍ଛାସେବୀ ଭୂପିନ୍ଦ୍ର ଚୌଧୁରୀ ଓ ଗ୍ରାମ୍ୟ ବିକାଶ କମିଟୀର ସଭ୍ୟାସଭ୍ୟମାନେ ସହଯୋଗ କରିଥିଲେ।



ଗ୍ରାମ୍ୟ କୃଷି କର୍ମୀ ଘନଶ୍ୟାମ ଜାନୀ ଚାଷୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

# ମାସେ ହେଲା ଅନ୍ଧାରରେ ଚୂନଭାଟିପଡ଼ାବାସୀ

କେଗାଁ,୨୫।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ଗ୍ରାମପଞ୍ଚାୟାତ ଚୁନଭାଟିପଡା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯାଇଛି। ଫଳରେ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ଚୁନଭାଟିପଡାବାସୀ ଅନ୍ଧାରରେ ରହିଛଥିବା ବେଳେ ବିଦ୍ୟୁତ୍ ବିଭାଗ ଚୁପ ହୋଇରହିଛି। କେଗାଁ ଗ୍ରାମପଞ୍ଚାୟାତ ଚୁନଭାଡିପଡାରେ ୩୦୦ରୁ ଉର୍ଦ୍ଧ୍ୱ ଲୋକେ ବାସ କରୁଥିବା ବେଳେ ଅନେକ ଲୋକେ ଗରିବ ଶ୍ରେଣୀ ଅଟନ୍ତି । ଦୀର୍ଘ ବର୍ଷ ହେଲା ଏଠାରେ ବିପିଏଲ ଶ୍ରେଣୀ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଲାଗି ଏକ ଟ୍ରାନ୍ସଫର୍ମର ସ୍ଥାପନ କରି ବିଦ୍ୟୁତ ସଂଯୋଗ କରାଯାଥିଲା । କିନ୍ତୁ ଗତ ଏକ ମାସରୁ ଅଧିକ ହେବ ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ସମ୍ପୂର୍ଣ୍ଣ ପଡାବାସୀ ବର୍ତ୍ତମାନ ଅନ୍ଧାରରେ ରହିଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦେବାକୁ କହୁଥିଲେ ମଧ ବିଭାଗୀୟ ଅଧିକାରୀମାନେ ଚୁପ ରହୁଥିବା ପଡାବାସୀ ଅଭିଯୋଗ କରିଛନ୍ତି। ଉପଭୋକ୍ତମାନେ ନିୟମିତ ବିଦ୍ୟୁତ ବିଲ ପୈଠ କରୁଥିବା ବେଳେ ବିଦ୍ୟୁତ ବିଭାଗର ଖମଖିଆଲି ମନୋଭାବ ଯୋଗୁ ଏକ ମାସରୁ ଉର୍ଦ୍ଧ୍ୱ ହେବ ଏହି ପଡାବାସୀ ଅନ୍ଧାରରେ ରହିବା ଘଟଣା ସାଧାରଣରେ ଅସନ୍ତୋଷର ଦାନା ବାନ୍ଧୁଛି। ବର୍ଷା ଦିନ ହୋଇଥିବାରୁ ସାରିସୃପଙ୍କ ପ୍ରାଦୁର୍ଭବ ଦେଖା ଦେଉଥିବାରୁ ବିଦ୍ୟୁତ୍ ନ ଥିବା ଯୋଗୁ ଲୋକଙ୍କୁ ରାତି ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରୋଜ ଶୁକ୍ଲାଙ୍କୁ ଯୋଗାଯୋଗ କରିବାରୁ ଏ ସଂକ୍ରାନ୍ତରେ ତାଙ୍କୁ ଜଣା ନ ଥିବା କହିଥିଲେ।



ପୋଡ଼ିଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ।

# ସାହାଯ୍ୟର ହାତ ବଢ଼ାଲା ପରଶାସନ

କୋକସରା, ୨୫।୬ (ଡି.ଏନ୍.ଏ)

**ଦିବ୍ୟାଙ୍ଗ ଭାଇଭହେନ୍ ଘଟ୍ନା**

କୋକସରା ବ୍ଲକ କାଉଡ଼ୋଲା ପଁଚେତ୍ କାଉଡ଼ୋଲା ଗାଁର ନିଳାମ୍ବର ରାଉତର୍କଁର ପୁଓ ମକରନ୍ଦ(୧୯) ଆର ଝିଁ ଭୂମିସୂତା(୧୭) ଜନ୍ମୁ ଦିବ୍ୟାଙ୍ଗ। ଅଭାବ ଅନାଟନ ଲାଗି ମା'ବାପ୍ ଦିବ୍ୟାଙ୍ଗ ପୁଓ ଝିଁକେ ଠିକ୍‌ସେ ଚିକିତ୍ସା କରେଇ ନାଇଁପାରି। ଏହେଦେ ଦୁଇ ଭାଇବହେନ୍ ଯୁଆନ ଅବସ୍ତାକେ ଆସିଥିଲେ ବି ଅସାହା ଜୀବନ୍ ବିତଉଛନ୍। ମକରନ୍ଦ ମାସିକ ୫ଶହ ଟଁକା ଦିବ୍ୟାଙ୍ଗ ଭତା ପାଉଥିଲାବେଲେ ବହେନ୍ ଭୂମିସୂତା ଭିନ୍ନକ୍ଷମ ପରମାନପତର ଅଭାବୁ ଯୋଜନାରୁ ବାଦ୍ ପଡ଼ିଛନ୍। ସେନ୍ତା ପରିବାରକେ ସରକାରୀ ସାହାଯ୍ କହେଲେ ମାସିକ୍ ମିଳୁଥିବାର ୨୦ କେ.ଜି. ଚାଉଲ। ଇ ବାବ୍‌ଦେ ଗଲା ଶନିବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ସରକାରୀ ସାହାଯ୍ରୁ ବଁଚିତ୍ ଦିବ୍ୟାଙ୍ଗ ଭାଇବହେନ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ପରଶାସନର ଚେତା ପଶିଥିଲା। ସୋମବାର କୋକସରା ବିଡିଓ ବସନ୍ତ କୁମାର ସେଠି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପୀଡ଼ିତ ଦିବ୍ୟାଙ୍ଗ ଭାଇଭହେନ୍‌କଁର ପାସେ ପୁହୁଁଚିଥିଲେ। ଦୁଇ ଭାଇଭହେନ୍‌କୁ ଦୁଇଟା ହୁଇଲଚେୟାର ଦେଇଥିଲେ। ସେନ୍ତା ଆଏବା ମାସଠାନୁ ମକରନ୍ଦର ଭତା ୫ଶହରୁ ୭ଶହ ଟଁକାକେ ବଢ଼ାଯିବା, ଭୂମିସୂତାକଁର ଭିନ୍ନକ୍ଷମ ପରମାନପତର ଅନ୍‌ଲାଇନ୍ ଆବେଦନ କରାଯାଇଥିଲାବେଲେ ତାହାକୁ ବି ବହୁତ୍ ଜଲଦି ଭତା ଯୁଗେଇ ଦିଆଯିବା ବଲି ଦୁଇ ଅଧିକାରୀ କଥା ଦେଇଥିଲେ। ଇତାର ବାହାରେ ନିଳାମ୍ବରକୁଁ ଆବାସ ଯୋଜନାରେ ସାମିଲ କରାଯିବାକେ ପରଶାସନ କଥା ଦେଇଛେ। ଭୂମିସୂତାକୁଁ ଆଏବା ମାସ ୧ ତାରିଖ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ପଠାଯିବାର ଲାଗି ଥିର ହେଇଥିବାର ଦୁଇ ଅଧିକାରୀ ସୂଚନା ଦେଇଛନ୍। ବ୍ଲକ ପରଶାସନର ଇ ମହତ୍ କାଯ୍‌କେ ଗାଁବାସୀ ବଡ଼ଭାରି ପରଶଁସା କରବାର ସଂଗେ ଧରିତ୍ରୀ ପରିବାରକେ ଧଏନ୍‌ବାଦ ଦେଇଛନ୍।

**ଧରିତ୍ରୀ ପ୍ରଭାବ**



ବ୍ଲକ ପରଶାସନ ଦିବ୍ୟାଙ୍ଗ ଭାଇବହେନ୍‌କେ ହୁଇଲଚେୟାର ଦେଲା ସମିଆରେ।

# ମଣ୍ଡିରେ ପଡ଼ିଛି ହଜାର ହଜାର କୁଇଣ୍ଟାଲ ଧାନ

ଭବାନୀପାଟଣା/କଲମପୁର, ୨୫।୬ (ଡି.ଏନ.ଏ.)

**ବନ୍ଧକନା ଧାନମଣ୍ଡି**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ବନ୍ଧକନା ଧାନ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଛି। ଏହି ମଣ୍ଡିରେ ବନ୍ଧକନାର ଯୋଗମାୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଥର ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହି ମଣ୍ଡିରୁ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ ଧାର୍ଯ୍ୟ ଦିଆଯାଇଥିବା ବେଳେ ବର୍ତ୍ତମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୪୪ ହଜାର ୫ ଶହ କୁଇଣ୍ଟାଲ ଧାନ କ୍ରୟ କରିସାରିଛନ୍ତି। ଆଉ ବାକି ୫ ରୁ ୬ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ନ ଥିବାରୁ ମଣ୍ଡିରେ ପଡିରହିଛି। ଫଳରେ ଚାଷୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଚାଷୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଟାର୍ଗେଟ ବିଷୟ ନେଇ ଧର୍ମଗଡ ଉପ ଯୋଗାଣ ନିରୀକ୍ଷକ ପ୍ରଫୁଲ ଦାସଙ୍କୁ ପଚାରିବାରୁ ଏହା ଜିଲା ଦାୟିତ୍ୱରେ ରହିଛି ବୋଲି କହିଥିଲେ।



ବନ୍ଧକନା ଧାନମଣ୍ଡିରେ ଧାନ ବିକ୍ରି ନ ହୋଇ ପଡ଼ିରହିଛି।

### କଳାହାଣ୍ଡିରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ଓକିଲ ସଂଘ ପକ୍ଷରୁ ସମସ୍ତ କୋର୍ଟ ବର୍ଜନ

ଭବାନୀପାଟଣା,୨୫।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ କଳାହାଣ୍ଡି ଓକିଲ ସଂଘ ଗତ ୭ ବର୍ଷ ହେଲା ଆନ୍ଦୋଳନ ଚଳାଇ ଆସିଛି। ପ୍ରାଥମିକ ପର୍ଯ୍ୟାୟରେ କଳାହାଣ୍ଡି ଓକିଲ ସଂଘ କଳାହାଣ୍ଡିରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ୪୨ ଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ । ପରବର୍ତ୍ତି ପର୍ଯ୍ୟାୟରେ ପ୍ରତି ମାସର ଶେଷ ସୋମବାର କଳାହାଣ୍ଡି ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଆସୁଛି । ସୂଚନାଯୋଗ୍ୟ ଯେ, କଳାହାଣ୍ଡିରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିରୁ ଓହରି ଯାଇ ନିଜସ୍ୱ ଆନ୍ଦୋଳନ ଚଳାଇ ଆସୁଛି। ସୋମବାର କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଅଶ୍ୱିନି ଦାଶଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ଗଜେନ୍ଦ୍ର ପାଢ଼ି, ସନ୍ତୋଷ ପଣ୍ଡା, ସମ୍ପାଦକ କ୍ଷିରୋଧ ଚନ୍ଦ୍ର ନେଗୀ, ବରିଷ୍ଠ ଓକିଲ ସୁଧାଂଶୁ ପହାପାତ୍ର, ସୁଧିର ପଟ୍ଟନାଏକ, ନିହାର ମିଶ୍ର ସମେତ ଶତାଧିକ ଓକିଲ ଆନ୍ଦୋଳନରେ ସାମିଲ ହୋଇଥିଲେ। ଓକିଲ ସଂଘ କର୍ମକର୍ତ୍ତାମାନେ ସମସ୍ତ କୋର୍ଟରେ ପିକେଟିଂ କରି ଜଜ୍ ଓ ମାଜିଷ୍ଟ୍ରେଟମାନଙ୍କୁ କୋର୍ଟ ପରିସରକୁ ଛାଡ଼ି ନ ଥିଲେ। ଭବାନୀପାଟଣାରେ ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରଜସ୍ୱ ଅଦାଲତଗୁଡ଼ିକରେ କୌଣସି କାର୍ଯ୍ୟ ହୋଇ ନ ଥିଲା । ସୂଚନା ଯୋଗ୍ୟ ଯେ, ପାଲ କମିଶନ ରିପୋର୍ଟ ଓ ଜଶୱନ୍ତ ସିଂ କମିଶନ ରିପୋର୍ଟ ଅନୁଯାୟୀ କେବିକେ ରିଜିୟନର ମଧ ଭାଗରେ କଳାହାଣ୍ଡି ଅବସ୍ଥିତ । ସେହିପରି ପାଲ କମିଶନ ସୁପାରିଶ ଅନୁଯାୟୀ କଳାହାଣ୍ଡି ହାଇକୋର୍ଟ ବେଞ୍ଚ ସ୍ଥାପନର ସମସ୍ତ ମାନବିନ୍ଦୁକୁ ପୂରଣ କରୁଛି । କଳାହାଣ୍ଡିରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେଲେ ଅନ୍ତତଃ ୧୦ଟି ଜିଲାର ଜନସାଧାରଣ ଉପକୃତ ହେବେ ବୋଲି କଳାହାଣ୍ଡି ଓକିଲ ସଂଘ ଯୁକ୍ତିବାଢ଼ି କଳାହାଣ୍ଡିରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ୨୦୧୨ରୁ ଆନ୍ଦୋଳନ ଚଳାଇ ଆସିଛି। କଳାହାଣ୍ଡିରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ କଳାହାଣ୍ଡି ଓକିଲ ସଂଘ ଏକ ପ୍ରତିନିଧି ଦଳ ଖୁବଶୀଘ୍ର ନୂଆଦିଲ୍ଲୀ ଯାଇ ଆଇନ ମନ୍ତ୍ରୀ ଓ ଆଇନ ସଚିବଙ୍କୁ ସାକ୍ଷାତ କରି କଳାହାଣ୍ଡିରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିବ ବୋଲି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଏଥିସହ କଳାହାଣ୍ଡିରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି ।




ଓକିଲମାନେ କୋର୍ଟ ବର୍ଜନ କରି ଧାରଣାରେ ବସିଛନ୍ତି ।

# ବହୁ ବାଦବିବାଦ ପରେ ଖୋଲିଲା

ଭବାନୀପାଟଣା,୨୫।୬ (ଡି.ଏନ.ଏ.)

**ବିମଳା କନ୍‌ଭେଣ୍ଟ ସ୍କୁଲ**

ଅହେତୁକ ଫିଁ ବୃଦ୍ଧି, ଛାତ୍ରୀଛାତ୍ରଙ୍କ ପାଇଁ ମୌଳିକ ଭିତ୍ତିଭୂମିର ବିକାଶ ନେଇ ଭବାନୀପାଟଣା ବିମଳା କନ୍‌ଭେଣ୍ଟ ସ୍କୁଲର ପରିଚାଳନା କମିଟି ଓ ଅଭିଭାବକଙ୍କ ମଧରେ ଚାଲି ଆସିଥିବା ଦୀର୍ଘ ୨ ମାସର ଅସନ୍ତୋଷ ଅନ୍ତ ଘଟିଛି। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ହସ୍ତକ୍ଷେପ ଫଳରେ ସାମୟିକ ଭାବେ ପରିସମାପ୍ତ ହୋଇଛି। ଏହା ପରେ ଗତ ସୋମବାରଠାରୁ ପୂର୍ବପରି ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଯୋଗ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଚଳିତବର୍ଷ ବିଦ୍ୟାଳୟ ତରଫରୁ ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ମୌଳିକ ବ୍ୟବସ୍ଥାର ସୁବିଧା ନ କରି ଅହେତୁକ ଭାବେ ଫିଁ ବୃଦ୍ଧି କରିଥିବାରୁ ଅସନ୍ତୋଷ ପ୍ରକାଶ କରି ଦୀର୍ଘ ୨ ମାସ ଧରି ବିଦ୍ୟାଳୟ ପରିଚାଳନା କମିଟିଙ୍କ ନିକଟରେ ଦାବି କରି ଆସୁଥିଲେ। ଅଭିଭାବକମାନଙ୍କ ସହିତ ଆଲୋଚନା କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି କୌଣସି ସବୁଜ ସଙ୍କେତ ନ ଦେବାରୁ ବାଧ ହୋଇ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ସ୍କୁଲ ବନ୍ଦ କରିଥିଲେ। ଗ୍ରୀଷ୍ମ ଛୁଟି ପରେ ସ୍କୁଲ ଗତ ୨୧ ତାରିଖରେ ବିଦ୍ୟାଳୟ ଖୋଲି ଥିଲେ ମଧ ଅଭିଭାବକମାନଙ୍କ ଅସହଯୋଗ ଯୋଗୁ ଦୁଇ ଦିନ ଧରି ସ୍କୁଲ ପୁଣି ବନ୍ଦ କରାଯାଇଥିଲା। ଫଳରେ ସ୍କୁଲ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ତରଫରୁ ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ ଓ ଟାଉନ୍ ପୋଲିସ ଆଇଆଇସି ସତ୍ୟପ୍ରକାଶ ନନ୍ଦଙ୍କ ସହଯୋଗରେ ଅଭିଭାବକମାନଙ୍କୁ ନେଇ ସମସ୍ୟାର ଆଶୁ ସମାଧାନ ନିମନ୍ତେ ବାଧ ହୋଇ ଗତ ରବିବାର ଏକ ବୈଠକ ଆୟୋଜନ କରିଥିଲେ । ସ୍କୁଲ କର୍ତ୍ତୃପକ୍ଷ ୧୨ ଶତକଡ଼ା ଫିଁ ବୃଦ୍ଧି ପାଇଁ ରାଜି ହୋଇଥିବା ବେଳେ ଅଭିଭାବକମାନେ ୮ ଶତକଡ଼ାରେ ଅଡ଼ି ରହିଥିଲେ। ଯାହାକି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ନିର୍ଦ୍ଧାରିତ । ଆଲୋଚନା ପରେ ଉପଜିଲାପାଳ ଟପ୍ପୋ ବିଦ୍ୟାଳୟର ପାରିପାର୍ଶ୍ୱିକ ଭିତ୍ତିଭୂମି ଓ ଛାତ୍ରୀଛାତ୍ରଙ୍କ ନିମନ୍ତେ ଥିବା ମୌଳିକ ସୁବିଧାର ପ୍ରତ୍ୟକ୍ଷ ଅନୁଧ୍ୟାନ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଆନ୍ଦୋଳନକୁ ଆଖିଆଗରେ ରଖି ସ୍କୁଲ କର୍ତ୍ତୃପକ୍ଷ ତରବରିଆ ଭାବେ ପିଇବା ପାଣି, ଶୌଚାଳୟ ବ୍ୟବସ୍ଥା କରି ଦେଇଥିବା ଦେଖିବାକୁ ମିଳିଥିଲା । ସମୟକ୍ରମେ ବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ମୌଳିକ ସୁବିଧାର ବ୍ୟବସ୍ଥା, ଭିତ୍ତିଭୂମି ଓ ସରକାରଙ୍କ ନିର୍ଦ୍ଧାରିତ ଫିଁ ହାରକୁ ଗ୍ରହଣ ନ କରନ୍ତି ବା ସେମାନଙ୍କ ମୌଳିକ ଭିତ୍ତିଭୂମିର ବିକାଶ ଦିଗରେ ଦୃଷ୍ଟି ନ ଦିଅନ୍ତି, ତା'ହେଲେ ଅଭିଭାବକମାନେ ଆଇନ୍‌ର ଆଶ୍ରୟ ନେବେ ବୋଲି ଶୁଣିବାକୁ ମିଳୁଛି।



ସ୍କୁଲ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ଆଲୋଚନା ହେଉଛି।



"ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।"
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଦୁଇଟି ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର

ବଣାଇ, ୨୫।୬(ସ୍ୱ.ପ୍ର.) ବଣାଇ ଉପଖଣ୍ଡର ଦୁଇଟି ସ୍ଥାନରେ ପୃଥକ ଦୁର୍ଘଟଣାରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ବଣାଇ ଥାନା ୧୪୩ ନମ୍ବର ଜାତୀୟ ରାଜପଥ ଦରେଇକଲା ଗ୍ରାମ ନିକଟରେ ଏକ ବାଇକ୍ ଓଡି ୧୪ଜେ-୬୪୭୫ ସହିତ ଟିପ୍ପର ନଂ. ଓଆର୧୪ କ୍ୟୁ-୨୨୬୭ ଧକ୍କା ହୋଇଥିଲା। ଫଳରେ ବାଇକ ଚାଳକ ଏମ.ଡି ହାରୁନ ଅତ୍ୟନ୍ତ ଗୁରୁତର ହୋଇଛନ୍ତି। ସେହିଭଳି ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ଲଛଡା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ସମ୍ଭାରୁ ଲୁହୁରା, ପ୍ରଶାନ୍ତ ଏକ୍କା ଏବଂ ରିତ ନାଏକ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ପ୍ରଥମେ ବଣାଇ ଉପଖଣ୍ଡ ଚିକିତ୍ସାଳୟ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଉଭୟ ଘଟଣାରେ ବଣାଇଁ ଏବଂ ଗୁରୁଣ୍ଡିଆ ପୋଲିସ ଦୁଇଟି ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଛି।

### ଅଟକିଥିବା ଗାଡ଼ିକୁ ଧକ୍କା ଦେଲା ବାଇକ: ଚାଳକ ମୃତ

ବଡ଼ଗାଁ, ୨୫।୬ (ଡି.ଏନ.ଏ)-ବଡଗାଁ ଥାନା ଅନ୍ତର୍ଗତ ବାଇବାଇ ଗ୍ରାମ ନିକଟ ଢ଼ାବା ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଅଟକିଥିବା କୌଣସି ଭାରିଯାନକୁ ବାଇକ ସମ୍ମୁଖପଟୁ ଧକ୍କା ଦେଇଛି। ଫଳରେ ଘଟଣାସ୍ଥଳରେ ସମ୍ବଲପୁର ଜିଲା ଗୋବିନ୍ଦପୁର ଗ୍ରାମର ନିଲନ ନାଏକ (୨୫)ଙ୍କ ମୃତ୍ୟୁ ହୋଇଛି। ସପ୍ତାହେ ହେଲା ନିଲନ ବଡଗାଁ ନିକଟ ଦାଣ୍ଡଜମରା ଗ୍ରାମର ଲଦରୋ ନାଏକଙ୍କ ଘରକୁ ଆସିଥିଲେ। ସୋମବାର ରାତିରେ ଲଦରୋଙ୍କ ୪ପୁଅ ମଧ୍ୟରୁ ୨ପୁଅ ରାଉତ ନାଏକ ଓ ଅଜୟ ନାଏକଙ୍କ ମଧ୍ୟରେ ହାତାହାତି ହେବାରୁ ଅଜୟଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ବଡଗାଁ ଡାକ୍ତରଖାନା ଅଣାଯାଇଥିଲା । ଏହାର କିଛି ଘଣ୍ଟା ପରେ ନିଲନ ଲଦରୋଙ୍କ ସାନ ପୁଅ ବିଜୟଙ୍କ ବାଇକ ନେଇ ବଡଗାଁ ଡାକ୍ତରଖାନା ଯିବାକୁ ବାହାରୁଥିଲା ବେଳେ ଲଦରୋଙ୍କ ସ୍ତ୍ରୀ ମନା କରିଥିଲେ। ହେଲେ କାହାରିକଥା ନ ଶୁଣି ବାଇକ ଧରି ବଡଗାଁ ପଟକୁ ଦ୍ରୁତ ଗତିରେ ଆସୁଥିଲା ବେଳେ ଛିଡା ହୋଇଥିବା ଗାଡି ସମ୍ମୁଖକୁ ଧକ୍କା ଦେଇଥିଲେ । ଦୁର୍ଘଟଣା ପରେ ଅଟକିଥିବା ଗାଡି ନେଇ ଡ୍ରାଇଭର ଚାଲିଯାଇଥିଲେ।

ପୌରପାଳିକା ତରଫରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ କର୍ମଶାଳା

# ପଲିଥିନ ସମ୍ପୂର୍ଣ୍ଣ ବନ୍ଦ ଉପରେ ଗୁରୁତ୍ୱ

ସୁନ୍ଦରଗଡ଼, ୨୫।୬ (ଡି.ଏନ୍.ଏ)

ସୁନ୍ଦରଗଡ ପୌରପାଳିକାର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ମାର୍ଶାଲ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ନଗର ଉନ୍ନୟନ ବିଭାଗର ଟିମ୍ ଲିଡର ଅଜିତ କୁମାର ବେହେରା ଓ ପରିମଳ ବିଶେଷଜ୍ଞ ଅନୀଲ ଲାକ୍ରା ପ୍ରମୁଖ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସହରରେ ବର୍ଜ୍ୟବସ୍ତୁ ପରିବେଶ ପ୍ରତି ବିପଦର କାରଣ ହୋଇଥିବା ବେଳେ ଏହାର ସୁପରିଚାଳନା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଜରୁରୀ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସୁନ୍ଦରଗଡ ପୌରପରିଷଦର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଥିବା ଡଷ୍ଟବିନ୍ ଭିତରେ ଅଳିଆ ପକାଇବା, ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଶିକ୍ଷଣ ନେଇଥିବା ସମସ୍ତ ସଫେଇ କର୍ମଚାରୀ, ପରିମଳ କର୍ମଚାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ଏହି ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥି ସହିତ ସଫେଇ ଓ ପରିମଳ କର୍ମଚାରୀମାନଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଇଥିଲା। ସହରକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜ କରି ଗଢି ତୋଳିବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ସଫେଇ କର୍ମଚାରୀ, ପରିମଳ କର୍ମଚାରୀ, ପୌର ପରିଷଦର ସମସ୍ତ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟମାନେ ଭାଗ ନେଇଥିଲେ।



ସଫେଇ କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ମାରପିଟ, ହତ୍ୟା ଧମକ: ୨ ଅଭିଯୁକ୍ତ ଗିରଫ

ବାଲିଶଙ୍କରା, ୨୫।୬ (ଡି.ଏନ.ଏ)

ତଳସରା ଥାନା ଅନ୍ତର୍ଗତ ତମକୁଡା ଗ୍ରାମର ହେମନ୍ତ ଶଙ୍କରିଆ, ଗଇଲୋ ଗ୍ରାମର ଟେକଚାନ୍ଦ ପଟେଲଙ୍କଠାରୁ ୧୫୦୦ ଟଙ୍କା ଧାର ଖାଇଥିଲେ । ଏହି ଧାର କରଜ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା । ଗତ ୧୬ ତାରିଖ ସନ୍ଧ୍ୟା ୫ଟାରେ ଟେକଚାନ୍ଦ ପଟେଲ ଓ ତାଙ୍କ ଡ୍ରାଇଭର କେତନ ପଟା ସୁନ୍ଦରଗଡରୁ ନିଜ ଗ୍ରାମ ଗଇଲୋ ଆସୁଥିବା ସମୟରେ ସବଡେଗା ପେଟ୍ରୋଲ ପମ୍ପରେ ହେମନ୍ତ ଶଙ୍କରିଆ ସହିତ ଭେଟ ହୋଇଥିଲା । ଏହି ସମୟରେ ହେମନ୍ତ ଶଙ୍କରିଆଙ୍କୁ ମାରପିଟ କରିବା ସହିତ ଗାଳିଗୁଲଜ ସହ ଆଇରନ ରଡରେ ଆକ୍ରମଣ କରିବା ଦ୍ୱାରା ତାଙ୍କ ଡାହାଣ ଆଖିରେ ଆଘାତ ବାଜିଥିଲା । ସେ ନିଜ ଘର ସମସ୍ୟା ଥିବାରୁ ଗତ ୧୯ ତାରିଖ ତଳସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ. ୯୧/୧୯ ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ପୋଲିସ କହିଛି ।

## ସବ୍‌ଡେଗା ଗ୍ରାମରେ ବେମୁଲପୂଜା

ସବ୍‌ଡେଗା, ୨୫।୬ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ସବଡେଗା ଗ୍ରାମରେ ମଙ୍ଗଳବାର ବେମୁଲ ପୂଜା ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଗାଁର କାଲୋ ବେମୁଲକୁ ଯାଇ ସ୍ଥାପିତ ଥିବା ଦେବାଦେବୀ ଯାଗାମାନଙ୍କୁ ସଫା ସୁତୁରା କରି ପୂଜା ଆରମ୍ଭ କରିଥିଲେ। ଗ୍ରାମବାସୀ ନିଜର ମାନସିକ ହିସାବରେ କୁକୁଡା ବଳି, ବୋଦା, ଘୁଷୁରି, ନଡିଆ ଇତ୍ୟାଦି ଦେଇଥିଲେ। ସର୍ବ ପ୍ରଥମେ ଗ୍ରାମର ମଙ୍ଗଳ କାମନା କରି ପୂଜା ଆରମ୍ଭ କରାଯାଇଥିଲା। ସେଠାରେ ୯ଟି ଦେବାଦେବୀଙ୍କୁ ପୂଜା କରାଯାଇଥିଲା। ଗ୍ରାମଦେବୀଙ୍କୁ ପ୍ରଥମେ ପୂଜା କରି ପରେ ସମଲେଇ, କାଲୋକାଲେନୀ, ମଉଳୀ, ବାରଭାଇ, ବୁଢ଼ାପାହାଡ, ଭୀମଦେବତା, ପର୍ଣ୍ଣାପାଟ, ପିତା ବହଲିଆ ପ୍ରଭୃତି ଦେବଦେବତା ସେଠାରେ ସ୍ଥାପିତ ହୋଇ ପୂଜା କରାଯାଇଥା। ହାରାହାରି ଚାରି ଘଣ୍ଟା ଧରି ପୂଜା ଚାଲିଥିଲା। ପୂଜାପାଠକୁ ବହୁତ ସାବଧାନର ସହିତ କରାଯାଇଥାଏ । ପୂଜାରେ କୌଣସି ତ୍ରୁଟି ହେଲେ ଗ୍ରାମ ଉପରେ ବିପଦ ଆସିବାର ସମ୍ଭାବନା ଦେଖାଦେଇ ଥାଏ ବୋଲି ବିଶ୍ୱାସ ରହିଛି। ଏ ବର୍ଷ ଉକ୍ତ ପୂଜାରେ ଗ୍ରାମବାସୀଙ୍କର ଯୋଗଦାନ ବହୁ ସଂଖ୍ୟାରେ ଦେଖାଦେଇଥିଲା । ଗ୍ରାମର କାଲୋ ପଦ୍ମଲୋଚନ ପ୍ରଧାନ ଉକ୍ତ ପୂଜାକାର୍ଯ୍ୟ ତୁଲାଇ ଆସୁଥିଲେ। ଏବର୍ଷ ପୂଜାକୁ କାଲୋ ଭାବେ ତାଙ୍କ ପୁଅ ଜେନାମଣି ପ୍ରଧାନ ତୁଲାଇଥିଲେ ଏବଂ ତାଙ୍କୁ ଯାଦବ ପ୍ରଧାନ ସାହାର୍ଯ୍ୟ କରିଥିଲେ।

## ପ୍ରେସ୍‌କ୍ଲବ୍ ପକ୍ଷରୁ ଶୋକସଭା

ଲେଫ୍ରିପଡା,୨୫।୬(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଖବରଦାତା ମୁକୁନ୍ଦ ପଣ୍ଡାଙ୍କ ଅକାଳ ବିୟୋଗରେ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ଏବଂ ସୁନ୍ଦରଗଡ ପ୍ରେସକ୍ଲବ୍ ପକ୍ଷରୁ ଲେଫ୍ରିପଡା ସାମ୍ବାଦିକ କାର୍ଯ୍ୟାଳୟରେ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କର ଅତୀତ କାର୍ଯ୍ୟଶୈଳୀ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସମସ୍ତେ ପ୍ରକାଶ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରିଥିଲେ। ଏଥିରେ ସୁନ୍ଦରଗଡ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ସଭାପତି ପଙ୍କଜ ସାହୁ, ସତ ସେଠ୍, ପ୍ରଦୀପ କୁମାର ନନ୍ଦ, ଜିତେନ୍ଦ୍ର ପ୍ରଧାନ, ରାଜୁ ପ୍ରଧାନ, ଦେଶରଞ୍ଜନ ପଟେଲ, ପପୁ ପ୍ରସାଦ ସିଂ, ସଚ୍ଚିଦାନନ୍ଦ ପଟେଲ, ଜୟନାରାୟଣ ମେଣ୍ଡୁଲି, ଡମ୍ବରୁଧର ନାଏକ, ସୁଜିତ କୁମାର ସା, ସାଗର ପଟ୍ଟନାୟକ, ଚୈତନ୍ୟ ପଟେଲ, ପ୍ରେମ ପଶାୟତ୍ ପ୍ରମୁଖ ଯୋଗଦାନ କରିଥିଲେ।


ଲେଫ୍ରିପଡ଼ା ସାମ୍ବାଦିକ କାର୍ଯ୍ୟାଳୟରେ ଶୋକସଭା।

## ଯୁବ ସାହିତ୍ୟିକଙ୍କ ଅକାଳ ବିୟୋଗ

ସୁନ୍ଦରଗଡ଼, ୨୫।୬ (ଡି.ଏନ୍,ଏ)

ସୁନ୍ଦରଗଡର ଜଣାଶୁଣା ଯୁବକବି, ସାହିତ୍ୟିକ ତଥା ସମାଜସେବୀ ଆର୍ତ୍ତତ୍ରାଣ ପଣ୍ଡାଙ୍କ ଗତ ୨୩ ତାରିଖରେ ସୁରଟରେ ଚିକିତ୍ସାଧୀନ ଅବସ୍ଥାରେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୨ବର୍ଷ ବୟସ ହୋଇଥିଲା। ମଙ୍ଗଳବାର ତାଙ୍କ ମରଶରୀର ସୁନ୍ଦରଗଡ ପତ୍ରାପଡାସ୍ଥିତ ତାଙ୍କ ବାସଭବନରେ ପହଞ୍ଚିବା ପରେ ସହରର ବହୁ ସାହିତ୍ୟିକ, ଖବରଦାତା ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କର ଅନେକ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଉଚ୍ଚପ୍ରଶଂସିତ ହୋଇପାରିଛି। ତାଙ୍କର ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। କଳା ସାହିତ୍ୟ ସହ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଗୁଡିକରେ ଜଡିତ ହୋଇଥିଲେ। ତାଙ୍କର ଅକାଳ ବିୟୋଗ ସୁନ୍ଦରଗଡ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ହେଲା ବୋଲି ସାହିତ୍ୟିକମାନେ ଶୋକପ୍ରକାଶ କରିଛନ୍ତି। ତାଙ୍କର ସ୍ତ୍ରୀ ଓ ଏକମାତ୍ର ୯ବର୍ଷର ପୁତ୍ର ସନ୍ତାନ ଅଛନ୍ତି।

■ ବଡଗାଁ ବ୍ଲକ ବରଙ୍ଗାକଚ୍ଛାର ପଞ୍ଚାୟତ

## ଜିଆର୍‌ଏସ୍, ଇଓଙ୍କ ନାଁରେ ଅର୍ଥ ଆତ୍ମସାତ ଅଭିଯୋଗ

ବଡ଼ଗାଁ, ୨୫।୬ (ଡି.ଏନ.ଏ)

ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତରେ ୭ବର୍ଷ ହେଲା ଅନେକ ଅନିୟମିତତା ହୋଇଥିଲା ବେଳେ ପଞ୍ଚାୟତବାସୀ, ଗାଁ ସାଥିମାନେ ବହୁବାର ବ୍ଲକ ଓ ଜିଲା ପ୍ରଶାସନଠାରେ ଜଣାଇ ନିରାଶ ହୋଇଛନ୍ତି। ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ପ୍ରଶାସନ ଘଣ୍ଟ ଘୋଡାଇରଖିବା ଯୋଗୁ ଗୋଟିଏ ପରେ ଗୋଟିଏ ଅନିୟମିତତା ହେଉଥିଲେ ମଧ୍ୟ ଅବାଧ ଓ ନିର୍ଭୟରେ ଏହି ପଞ୍ଚାୟତରେ କର୍ମଚାରୀମାନେ ଦୁର୍ନୀତିର ଧ୍ୱଜା ଉଡାଇ ଅଞ୍ଚଳବାସୀଙ୍କୁ ଏକ ପ୍ରକାର ଚାଲେଞ୍ଜ ଦେଉଛନ୍ତି। ଅଞ୍ଚଳବାସୀଙ୍କ ଧୈର୍ଯ୍ୟ ସୀମା ଟପିଲାପରେ ସେମାନେ ମଙ୍ଗଳବାର ଜିଲାପାଳଙ୍କୁ ଲିଖିତ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପଞ୍ଚାୟତବାସୀ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ୨୦୧୬-୧୭ରେ ଜିଆରଏସ୍ ଡିଲେଶ୍ୱର ସୁନ୍ୟାନୀ ବାଙ୍କିବାହାଲ ଗ୍ରାମର ଗାଧୁଆ ଘାଟ ତିଆରି ନକରି ମେଟେରିଆଲ ବାବଦକୁ ୧ଲକ୍ଷ ୨୨ ହଜାର ୮୨୫ ଟଙ୍କା ନିଜ ସ୍ତ୍ରୀ ସବିତା ତାଣ୍ଡିଆଙ୍କ ନାମରେ (ଭେଣ୍ଡର ମାଧ୍ୟମରେ) ଟଙ୍କା ଉଠାଇ ନେଇଛନ୍ତି। ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ତଳିମୁଣ୍ଡା ଗ୍ରାମରେ ଫିଲିପ ଟପ୍ପୋଙ୍କ ନାମରେ ବିଜୁ ପକ୍କା ଘର ମଞ୍ଜୁର ହୋଇଥିଲା। ଗରିବ ହିତାଧିକାରୀ ଫିଲିପଙ୍କୁ ଜିଆରଏସ ସୁନ୍ୟାନୀ ଠିକାଦାର ପେଟଫୋଡ ଗ୍ରାମର ମନୋରଞ୍ଜନ ବଞ୍ଜୁଆଙ୍କ ମାଧ୍ୟମରେ କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ତିନୋଟି କିସ୍ତିରେ ୧ଲକ୍ଷ ଟଙ୍କା ଜିଆରଏସ ଏବଂ ଇଓ ବୈକୁଣ୍ଠ ଭରମାଲ ହିତାଧିକାରୀଙ୍କଠାରୁ ଚେକ ମାଧ୍ୟମରେ ଉଠାଇ ନେଇଛନ୍ତି । ଫିଲିପଙ୍କ ଘର ଆରମ୍ଭ ସୁଦ୍ଧା ହୋଇନାହିଁ। ସୂଚନାଯୋଗ୍ୟ ଯେ, ଏ ସମ୍ପର୍କିତ ଖବର ଜୁନ ୨୧ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ତେବେ ଅସନ୍ତୁଷ୍ଟ ଗ୍ରାମବାସୀମାନେ କୂଅ ନଖୋଳି ଜିଆରଏସ ସରକାରୀ ଅର୍ଥ ଆତ୍ମସାତ କରିଥିବା ନେଇ ସେତେବେଳେ ବିଡିଓ ଏବଂ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ଏହି ଅଧିକାରୀମାନେ ଦୁର୍ନୀତିକୁ ଘୋଡାଇ ଦେଇଥିଲେ । ଏ ସମ୍ପର୍କରେ ସ୍ଥାନୀୟ ସମିତି ସଭ୍ୟ ରବୀନ୍ଦ୍ର ଲୁଗୁନ, ନାଏବ ସରପଞ୍ଚ ଦଶରଥ ବେହେରା, ୱାର୍ଡ ସଭ୍ୟ ବୀରେନ୍ଦ୍ର ମାଝୀ, ମମିତା କିସାନ, ଉମାବତୀ ଦଣ୍ଡସେନା, ସରୋଜିନୀ ପରୁଆ, ଗୀତା ତପ୍ପୋ, ହେମନ୍ତ ରଉଳିଆ, ଡି. ବାଗ, ଗଞ୍ଜିକା ସା, ଫୁଲମନୀ ବାଗ, ପଲାତା ପ୍ରଧାନଙ୍କ ସହିତ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଜିଲାପାଳଙ୍କୁ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାମ ନହୋଇ ଅର୍ଥ ଉଠାଣ ଭଳି ଗୁରୁତର ଦୁର୍ନୀତିର ପ୍ରମାଣ ଜିଲା ଓ ବ୍ଲକ ପ୍ରଶାସନଠାରେ ଦେବା ସତ୍ତ୍ୱେ ଅଧିକାରୀମାନେ ହାତବାନ୍ଧି ବସିବା ଦେଖିଲେ ଚାପର ବଶବର୍ତ୍ତୀ ହୋଇ କିମ୍ବା ଦୁର୍ନୀତିଗ୍ରସ୍ତଙ୍କ ସହିତ ପରୋକ୍ଷ ଭାବେ ସାମିଲ ହୋଇଥିବାରୁ ସରକାରୀ ଅର୍ଥ ଅପବ୍ୟୟ, ଆତ୍ମସାତ ହେଉଥିବା ଅଭିଯୋଗ ହେଉଛି । ଏହି ଘଟଣା ଉପରେ ପ୍ରଶାସନ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନନେଲେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ରାଜ୍ୟ ସରକାରଙ୍କ ଅଫିସରରାଜର ମୁଖା ଖୋଲିବେ ବୋଲି ଚର୍ଚ୍ଚା ଆଲୋଚନା ହେଉଛି ।

## ଅବକାରୀ ଚଢ଼ାଉ: ୬ ଗିରଫ

ରାଜଗାଙ୍ଗପୁର, ୨୫।୬ (ଡି.ଏନ.ଏ)

ରାଜଗାଙ୍ଗପୁର ଅବକାରୀ ବିଭାଗ ଦ୍ୱାରା କୁତ୍ରା ଓ ରାଜଗାଙ୍ଗପୁରର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ୬ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୮୦ ଲିଟର ଦେଶୀମଦ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି। କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ବେଆଇନ ଦେଶୀ ମଦ ବିକ୍ରି ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ଏହି ଅଭିଯୋଗକୁ ଭିତ୍ତିକରି ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର କୁତ୍ରା ମାଲୁପଡା ଗ୍ରାମରେ ଚଢ଼ାଉ କରି ପିୟୁଷ ଏକ୍କା ଓ ପୂର୍ଣ୍ଣଚନ୍ଦ୍ର ଏକ୍କା, କୁତ୍ରା ଗ୍ରାମର କାର୍ତ୍ତିକ ପଙ୍ଗା, ରାଜଗାଙ୍ଗପୁର ଥାନା ଅଧିନ ପୋଡସିଂ ଗ୍ରାମର ରୋସନ ସୋରେନ ଓ ସନ୍ତୋଷ ବେହେରା, ରାଜଗାଙ୍ଗପୁର ଥାନା ଅଧିନ ଫଲସାକାନୀ ଗ୍ରାମର କାନ୍ଦଲା କିସପଟ୍ଟାଙ୍କୁ ଗିରଫ କରାଯାଇଛି। ସମୁଦାୟ ୮୦ ଲିଟର ଦେଶୀ ମଦ, ୧୦୦ କେଜି ହାଣ୍ଡିଆ ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଅଧୀକ୍ଷକ ଲକ୍ଷ୍ମୀଧର ପରିଡା, ଅବକାରୀ ଇନ୍ସପେକ୍ଟର ସତ୍ୟଜିତ ଖାପୁଆ, ଅବକାରୀ ସବଇନ୍ସପେକ୍ଟର ରାମଜୀ ପଟେଲ, ଅଶୋକ କୁମାର ପଟେଲ, କନଷ୍ଟେବଲ୍ ମିତ୍ରଭାନୁ ବଡ଼େଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଗାୟତ୍ରୀ ସା, ସୁଶାନ୍ତ ପଟେଲ, ଶ୍ରୀନିବାସ ବିଶୋଇ, ସଞ୍ଜୟ କୁମାର ଅମାତ, ସାବିତ୍ରୀ ଦେଇ, ଚନ୍ଦ୍ରକାନ୍ତି ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ଅବକାରୀ କର୍ମଚାରୀଙ୍କ ସହ ମଦବିକ୍ରି କରୁଥିବା ବ୍ୟକ୍ତି।

# ତହସିଲରେ ସରକାରୀ ନିୟମ କାମରେ ଆସୁନି

ବଡ଼ଗାଁ, ୨୫।୬ (ଡି.ଏନ.ଏ)

■ ତହସିଲଦାର ନ ଥିବାରୁ ବିଡିଓଙ୍କୁ ଭେଟିଲେ ଭାଜପା କର୍ମକର୍ତ୍ତା
■ ବାସିନ୍ଦା, ଆୟ, ଜାତି ପ୍ରମାଣପତ୍ର ପାଇବାରେ ଛାତ୍ରୀଛାତ୍ର ହଇରାଣ

ସରକାର ଲୋକଙ୍କ ସୁବିଧା ପାଇଁ ଅନେକ ନିୟମ ପ୍ରଣୟନ କରି କର୍ମଚାରୀମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀମାନେ ଏହାର ଖିଲାପ କରୁଥିଲେ ମଧ୍ୟ ଦୃଢ଼ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଅଭାବରୁ ଚରମ ଅବ୍ୟବସ୍ଥା ଦେଖାଦେଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି। ଏଭଳି ଏକ ଘଟଣା ସୁନ୍ଦରଗଡ ଜିଲା ବଡଗାଁ ତହସିଲ ଅଫିସରେ ଦେଖାଯାଇଛି। ସରକାରଙ୍କ ନିୟମାନୁଯାଇ ଗୋଟିଏ ମାସରେ ଜାତି ପ୍ରମାଣପତ୍ର ଓ ୧୫ ଦିନରେ ଆୟ ଏବଂ ବାସିନ୍ଦା ପ୍ରମାଣପତ୍ର ଦେବା ବ୍ୟବସ୍ଥା କରାଯାଇଛି। କିନ୍ତୁ ଚରମ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ବଡଗାଁ ତହସିଲରେ ଦେଢ଼ରୁ ୨ମାସ ବିତିଗଲା ପରେ ମଧ୍ୟ ଜନସେବା କେନ୍ଦ୍ରରେ ଅନଲାଇନ ଆବେଦନ କରିଥିବା ବେକାର ଯୁବତୀ ଯୁବକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପ୍ରମାଣପତ୍ର ମିଳୁନାହିଁ। ବଡ଼ଗାଁ ଲିଟିପଡାର ଦୀପକ ବାଗେ, ଦୀପା ବାଗେ, ଇତମା ଗ୍ରାମର ସୁଶାନ୍ତ ଟପ୍ପୋ, ପ୍ରିୟଦର୍ଶିନୀ ବେହେରା, ଗୁପ୍ତେଶ୍ୱର ରାଉତ, ଶର୍ମିଷ୍ଠା ସାହୁ, ଚାରପାଲି ଗ୍ରାମର ଅଜୟ ମାଝି, ଜମର୍ଲା ଗ୍ରାମର କୁମୁଦିନୀ ପୃଷେଟ, ଛାମୁଣ୍ଡା ଗ୍ରାମର ବିକି କିଷାନ, ବୁଦୁନା ଗ୍ରାମର ଅମିଶା ଟପ୍ପୋ, ସାହାଜବାହାଲ ଗ୍ରାମର ଅଙ୍କିତ କୁମାର ଦାସ, କଣ୍ଟିଆମୁରା ଗ୍ରାମର ଅର୍ଣ୍ଣବତୀ କିଷାନ, ବରୁଣ କୁମାର ନାଏକ, ଶ୍ୟାମ କିଷାନ, ଝାରମୁଣ୍ଡା ଗ୍ରାମର ମିନାକ୍ଷୀ ନାଏକ, ଟିକିଲିପଡା ଗ୍ରାମର ରାଜେନ୍ଦ୍ର କେର୍କେଟାଙ୍କ ଭଳି ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ବେକାରୀ ଯୁବତୀ ଯୁବକ ସ୍କୁଲ, କଲେଜରେ ନାମ ଲେଖାଇବା ଓ ଚାକିରୀ ପାଇଁ ଆବଶ୍ୟକ ଜାତି, ବାସିନ୍ଦା ଓ ଆୟ ପ୍ରମାଣପତ୍ର ନ ପାଇ ହଇରାଣ ହେଉଛନ୍ତି। ଏମାନେ ପ୍ରାୟ ୨ ମାସ ହେଲା ଆବେଦନ କରିଥିଲେ ମଧ୍ୟ ସରକାରୀ ନିୟମ, ବ୍ୟବସ୍ଥାର ଲାଭ ପାଇନାହାନ୍ତି। ୨ ମାସ ମଧ୍ୟରେ କାଳେ ହୋଇଯାଇଥିବା ଆଶା ରଖି ୧୫ ରୁ ୨୦ ଥର ଅଫିସ ଓ ଜନସେବା କେନ୍ଦ୍ରକୁ ଆସି ସମୟ ନଷ୍ଟ ଏବଂ ଖର୍ଚ୍ଚାନ୍ତରେ ପଡୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ନିଶ୍ଚିନ୍ତରେ ଅଛନ୍ତି। ସ୍କୁଲ, କଲେଜରେ ନାମ ଲେଖା ସମୟ ହୋଇଥିବାରୁ ତହସିଲରେ କିପରି କାମ ହେଉଛି ସେଥିପ୍ରତି ଜିଲା ଅଧିକାରୀମାନେ ମଧ୍ୟ ଦୃଷ୍ଟି ଦେଉ ନ ଥିବାରୁ ଲୋକଙ୍କ ସମସ୍ୟା ବଢ଼ି ଚାଲିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଭାଜପା ବଡଗାଁ ମଣ୍ଡଳ କାର୍ଯ୍ୟକାରୀ ସଭାପତି ଦିଲୀପ ସେନାପତି, ବଡଗାଁ, ଇତମା, ଭୋଇପାଲି ପଞ୍ଚାୟତ ସଭାପତି ଯଥାକ୍ରମେ ବାବୁଲି କର୍ସେଲ, ଅଖିଳ ବେହେରା, ପ୍ରେମାନନ୍ଦ ନାଏକ, ସକ୍ରିୟ କର୍ମୀ ପ୍ରତାପ ମହାପାତ୍ର, ରୂପେଶ ପଣ୍ଡା ପ୍ରମୁଖ ବିଡିଓଙ୍କୁ ସାକ୍ଷାତ କରି ସମସ୍ୟା ଉପରେ ଅବଗତ କରାଇ ସମାଧାନ ଦାବି କରିଛନ୍ତି। ଏହା ଉପରେ ବିଡିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରେ ନିର୍ବାଚନ ପାଇଁ ଓ ନେଟ ଠିକ କାମ କରୁ ନ ଥିବାରୁ ବିଳମ୍ବ ହୋଇଥିବା କହିଛନ୍ତି। ତେବେ ବଡଗାଁ ତହସିଲଦାର ତାଙ୍କ ବ୍ୟକ୍ତିଗତ କାମରେ ଛୁଟି ନେଇ ଯାଇଥିଲା ବେଳେ ନିର୍ବାଚନ ପୂର୍ବରୁ ଅତିରିକ୍ତ ତହସିଲଦାରଙ୍କ ବଦଳି ଯୋଗୁ ଠିକ ସମୟରେ କାମ ହୋଇପାରୁନାହିଁ। ଦୁର୍ଭାଗ୍ୟର ବିଷୟ ସରକାର ଛାତ୍ରୀଛାତ୍ର, ବେକାର ଯୁବତୀଯୁବକ କମ୍ ଖର୍ଚ୍ଚରେ ସୁବିଧାରେ ପ୍ରମାଣପତ୍ର ପାଇବା ପାଇଁ ନିୟମ, ବ୍ୟବସ୍ଥା କରିଥିଲେ ମଧ୍ୟ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା, ଖାମଖିଆଲି ଯୋଗୁ ଛାତ୍ରୀଛାତ୍ର ଖର୍ଚ୍ଚାନ୍ତରେ ପଡିବା ସହ ହଇରାଣ ହେଉଛନ୍ତି। ତେଣୁ ବ୍ୟବସ୍ଥାଗତ ପରିଚାଳନା ପ୍ରତି ଦୃଷ୍ଟିଦେବା ସହିତ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ସରକାର କରିଥିବା ବ୍ୟବସ୍ଥା, ନିୟମ କେବଳ ନାଁକୁ ମାତ୍ର ହୋଇ ରହିବ । ଜିଲାପାଳ ପଦକ୍ଷେପ ନେବାକୁ ଦାବି ହେଉଛି।


ଭାଜପା କର୍ମକର୍ତ୍ତା ବିଡ଼ିଓଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି।